କରାଚି ଛାତିରେ ଉଡ଼ିଲା ତ୍ରିରଙ୍ଗା
ବିବାଦ ପରେ ମୁଣ୍ଡ ନୂଆଁଇଲା ପାକିସ୍ତାନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ବିଶ୍ୱସ୍ତତା ବାଧ୍ୟକାରକ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୨୫ ● ୨୦ ଫେବୃଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-25 ● 20th February 2025, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶାକୁ ୨୫୫.୨୪ କୋଟିର କେନ୍ଦ୍ରୀୟ ସହାୟତା

**ନୂଆଦିଲ୍ଲୀ, ୧୯।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ୫ ଟି ରାଜ୍ୟର ଲୋକଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫ ଅଧୀନରେ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫ ଅଧୀନରେ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ୫ଟି ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି । ଏଥି ମଧ୍ୟରେ ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ ଅନ୍ତର୍ଭୁକ୍ତ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ପାଇଁ କେନ୍ଦ୍ର ସରକାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ସାଧୁବାଦ ଜଣାଇଛନ୍ତି।

ଉଚ୍ଚସ୍ତରୀୟ କମିଟି ଏନଡିଆରଏଫ ଅଧୀନରେ ୫ଟି ରାଜ୍ୟକୁ ୧୫୫୪.୯୯ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି, ଯାହା କି ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ଅଧୀନରେ ରହିବ । ମୋଟ ୧୫୫୪.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି ଟଙ୍କା, ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା, ତେଲେଙ୍ଗାନା ପାଇଁ ୨୩୧.୭୫ କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ରହିଛି ।

ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ, ଯାହା ପୂର୍ବରୁ ରାଜ୍ୟମାନଙ୍କ ପାଇଁ ଉପଲବ୍ଧ ଅଛି । ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟି ରାଜ୍ୟକୁ (ପୃଷ୍ଠା ୭ରେ)

## ବିରୋଧୀଙ୍କ ନାରାବାଜି, ହଟ୍ଟଗୋଳ ଯୋଗୁ ଦିନ ତମାମ ଗୃହ ଅଚଳ

# କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଚେତାବନୀ ଶୁଣାଇଲେ ବାଚସ୍ପତି

**ଭୁବନେଶ୍ୱର, ୧୯।୨**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ବିଧାନସଭା ବୈଠକ ଆରମ୍ଭରୁ ବିରୋଧୀ ଦଳର ହଟ୍ଟଗୋଳ, ନାରାବାଜି, ପ୍ଲାକାର୍ଡ଼ ପ୍ରଦର୍ଶନ ଯୋଗୁ ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢୀ ଏକାଧିକବାର ବିରୋଧୀ ଦଳ ବିଧାୟକମାନଙ୍କୁ ଗୃହରେ ଶୃଙ୍ଖଳା ରକ୍ଷା ସହିତ ଗୃହ ପରିଚାଳନାରେ ସହଯୋଗ କରିବା ଏବଂ ନିଜ ନିଜ ଆସନକୁ ଫେରିବାକୁ ନିବେଦନ କରିଥିଲେ ମଧ୍ୟ ସେଥିପ୍ରତି ବିରୋଧୀ ବିଧାୟକମାନେ କର୍ଣ୍ଣପାତ କରିନଥିଲେ। ହଟ୍ଟଗୋଳ ଜନିତ



ଅଚଳାବସ୍ଥା ପାଇଁ ବାଚସ୍ପତି ଗୃହକୁ ପ୍ରଥମାର୍ଦ୍ଧରେ ଥରେ ୧୦.୩୨ରୁ ଅପରାହ୍ନ ୪ଟା ଯାଏଁ ଏବଂ ଦ୍ୱିତୀୟାର୍ଦ୍ଧରେ ଦୁଇଥରରେ ଅପରାହ୍ନ ୫ଟା ୧୫ ଯାଏଁ ବୈଠକକୁ ମୁଲତବୀ କରିଥିଲେ। ଏହା ସତ୍ତ୍ୱେ ବିରୋଧୀଙ୍କ ହଟ୍ଟଗୋଳ ନାରାବାଜୀ ଥମି ନଥିଲା। ଫଳରେ ବାଚସ୍ପତି ବିରୋଧୀ ବିଧାୟକମାନଙ୍କୁ ତାଗିଦ କରିଥିଲେ ଏବଂ ଗୃହରେ ବିଶୃଙ୍ଖଳା ସୃଷ୍ଟି ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ମଧ୍ୟ ଶୁଣାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ସରକାର ବିରୋଧୀ ନାରାବାଜି ସହ କକ୍ଷତ୍ୟାଗ କରିଥିଲେ। ଏହା ଫଳରେ ବୁଧବାର (ପୃଷ୍ଠା ୭ରେ)

# ଖୁବ୍‌ଶୀଘ୍ର ବଜାରକୁ ଆସିବ କ୍ୟାନସର ଟିକା

**ନୂଆଦିଲ୍ଲୀ, ୧୯।୨**

କ୍ୟାନସର ଏପରି ଏକ ଶବ୍ଦ ଯାହାର ନାମ ଶୁଣିଲେ ହିଁ ଲୋକଙ୍କ ମନରେ ଭୟ ସୃଷ୍ଟି ହୁଏ। ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ କ୍ୟାନସର ରୋଗରେ ପ୍ରାଣ ହରାଉଛନ୍ତି । ଭାରତରେ ଏହି ମାରାତ୍ମକ ରୋଗର ପରିସଂଖ୍ୟାନ କମ ନୁହେଁ । ଏଠାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ କ୍ୟାନସର ରୋଗର ଶିକାର ହୁଅନ୍ତି । ଦେଶରେ କ୍ୟାନସର ରୋଗର ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି।



ମହିଳାମାନଙ୍କଠାରେ କର୍କଟ ରୋଗକୁ ରୋକିବା ପାଇଁ ଖୁବ ଶୀଘ୍ର ଏକ ସ୍ୱତନ୍ତ୍ର ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଏହି ସୂଚନା ଦେଇଛନ୍ତି। ମହିଳାଙ୍କଠାରେ ହେଉଥିବା କ୍ୟାନସର ପାଇଁ ଆଗାମୀ ୫ରୁ ୬ ମାସ ମଧ୍ୟରେ ଟିକା ଉପଲବ୍ଧ ହେବ। ୯ରୁ ୧୬ ବର୍ଷ ବୟସର ଝିଅମାନଙ୍କୁ ଏହି ଟିକା ଦିଆଯିବ। (ପୃଷ୍ଠା ୭ରେ)

## ଦାୟିତ୍ୱ ଗ୍ରହଣ କଲେ ମୁଖ୍ୟ ନିର୍ବାଚନ କମିଶନର

**ନୂଆଦିଲ୍ଲୀ, ୧୯।୨**

ନବନିଯୁକ୍ତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ବୁଧବାର ସକାଳେ ୨୬ତମ ଚିଫ ଇଲେକ୍ସନ କମିଶନର (ସିଇସି)ର ଦାୟିତ୍ୱ ଗ୍ରହଣ କରିବେ।ଏହା ପୁର୍ବରୁ ତାଙ୍କୁ ସୋମବାର ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରାଯାଇଥିଲା।(ପୃଷ୍ଠା ୭ରେ)

# ପାକିସ୍ତାନକୁ ପ୍ରତିରକ୍ଷା ତଥ୍ୟ ଲିକ୍ : ୩ ଗିରଫ

**ନୂଆଦିଲ୍ଲୀ, ୧୯।୨**

ପାକିସ୍ତାନର ଗୁଇନ୍ଦା ଅଧିକାରୀଙ୍କୁ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏନ୍‌ଆଇଏ ବୁଧବାର କହିଛି। ଜାତୀୟ ତଦନ୍ତକାରୀ ଏଜେନ୍ସି ଏନଆଇଏ ଏକ ବିବୃତ୍ତିରେ କହିଛି ଯେ ଏହି ତିନି ଜଣ କରାର ନୌସେନା ଘାଟି ଏବଂ କୋଚି ନୌସେନା ଘାଟିରେ ଥିବା ଭାରତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ସୂଚନା ଆଦାନ ପ୍ରଦାନ କରୁଥିଲେ।

କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରୁ ବେଥାନ ଲକ୍ଷ୍ମଣ ଟଣ୍ଡେଲ ଏବଂ ଅକ୍ଷୟ ରବି ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ଅଭିଳାଷ ପିଏଙ୍କୁ କେରଳର କୋଚିରୁ ଗିରଫ କରାଯାଇଛି । ସ୍ଥାନୀୟ ପୁଲିସ ସହାୟତାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ଗୁଇନ୍ଦା ସଂସ୍ଥାଙ୍କ ସଂସ୍ପର୍ଶରେ ଥିବା ଜଣାପଡ଼ିଛି।

ଏନଆଇଏର ତଦନ୍ତ ଅନୁଯାୟୀ, ସେମାନେ କରାର (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରେଖା ଗୁପ୍ତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୨**

ରେଖା ଗୁପ୍ତା ହେବେ ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ। ରେଖା ଶାଲିମାର ବାଗ ଆସନରୁ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ବୁଧବାର ବସିଥିବା ଭାଜପା ବିଧାୟକ ଦଳ ବୈଠକରେ ତାଙ୍କ ନାମକୁ ଅନୁମୋଦନ କରାଯାଇଥିଲା। ଗୁରୁବାର ଅପରାହ୍ନରେ ରାମଲୀଳା ମଇଦାନରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ।



ମୁଖ୍ୟମନ୍ତ୍ରୀ ଦୌଡ଼ରେ ତାଙ୍କ ନାମ ସବୁଠାରୁ ଆଗରେ ଥିଲା। ବିଧାୟକ ଦଳର ବୈଠକରେ ବିଜେନ୍ଦ୍ର ଗୁପ୍ତା ଏବଂ ପ୍ରବେଶ ବର୍ମା ରେଖା ଗୁପ୍ତାଙ୍କ ନାମ ପ୍ରସ୍ତାବ କରିଥିଲେ।

ରେଖା ଗୁପ୍ତା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପାଠପଢ଼ିଛନ୍ତି ଏବଂ କଲେଜ ସମୟରୁ ଅଖିଳ ଭାରତୀୟ ଛାତ୍ର ପରିଷଦ ସହିତ ଜଡିତ ଅଛନ୍ତି । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି ଏବଂ ସମ୍ପାଦକ ପଦ ପାଇଁ ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ସେ ତିନିଥର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନରେ କାଉନସିଲର ରହିସାରିଛନ୍ତି। ସେ ଶାଲିମାର ବାଗ ଆସନରୁ ଆପ ପ୍ରାର୍ଥୀ ବନ୍ଦନା କୁମାରୀଙ୍କୁ ୩୦ ହଜାର ଭୋଟରେ ପରାସ୍ତ କରିଛନ୍ତି।

## ଏକାଳ ପଖାଳ



ଚମ୍ପିଆନ୍ସ ଟ୍ରଫି ପ୍ରଥମ ମ୍ୟାଚ୍
ଭେଟିବେ ବାଂଲାଦେଶୀ
ଦୁଲ୍‌ଦାଲ୍ ମାରି ଉଖାଡି ଫୋପାଡି
ଭାରତ ଯେ ଦେବ ପେଶୀ
ଯିଏ ଭାବୁଅଛ ବସି
ବାଂଲା ଟକ୍କର ଦେବବୋଲିକି
ଭାବନାଟା ହେବ ବାସି।

# ବର୍ଷା, ବିଜୁଳି, ପବନ ସହିତ କୁଆପଥର ମାଡ଼ ସମ୍ଭାବନା



**ଭୁବନେଶ୍ୱର, ୧୯।୨ : ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୪-୫ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ଗୁରୁବାରଠାରୁ ମଙ୍ଗଳବାର ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରୁ ତେଲେଙ୍ଗାନା ଯାଏଁ ଯାଇଥିବା ଏକ ଟ୍ରଫ ଲାଇନ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି। ଏହା ସହିତ କିଛି ସ୍ଥାନରେ ପବନ (ପୃଷ୍ଠା ୭ରେ)

# ସଙ୍ଗମ ଜଳ ପ୍ରଦୂଷଣ ନେଇ ୟୁପି ସରକାରଙ୍କୁ ଏନ୍‌ଜିଟିର ଭର୍ତ୍ସନା




**ନୂଆଦିଲ୍ଲୀ, ୧୯।୨**

ପ୍ରୟାଗରାଜର ସଙ୍ଗମରେ ପ୍ରଦୂଷିତ ଜଳ ପ୍ରସଙ୍ଗରେ ବୁଧବାର ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ରେ ଏକ ଶୁଣାଣି ହୋଇଥିଲା। ଏନଜିଟି ଏହି ମାମଲାରେ ପ୍ରଶ୍ନ ଉଠାଇଥିଲେ ଏବଂ ୟୁପି ସରକାରଙ୍କ ଉପରେ ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ । ଏବେ ୟୁପି ସରକାର ଏନଜିଟିକୁ ଆଶ୍ୱାସନା ଦେଇଛନ୍ତି ଯେ ସେ ସିପିସିବି ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ୨୮ ଫେବୃଆରୀରେ ହେବ।

ଶୁଣାଣି ସମୟରେ ୟୁପି ସରକାରଙ୍କ ଓକିଲ କହିଥିଲେ ଯେ ସିପିସିବି ପରୀକ୍ଷା ରିପୋର୍ଟ ଦାଖଲ କରିନାହିଁ । ୟୁପିପିସିବି ମଧ୍ୟ ରିପୋର୍ଟ ଦାଖଲ କରିଛି ଏବଂ ନିଜର ପକ୍ଷ ଉପସ୍ଥାପନ କରିଛି । ଏହା ଉପରେ ଏନଜିଟି ପଚାରିଥିଲେ ଯେ ୟୁପି ସରକାର ରିପୋର୍ଟ ଉପରେ ପ୍ରଶ୍ନ ଉଠାଉଛନ୍ତି କି ?

ଓକିଲ କହିଛନ୍ତି ଯେ ଉତ୍ତର ପ୍ରଦେଶ ସରକାର ଚାହାଁନ୍ତି ଯେ ସିପିସିବି ତାଙ୍କ ରିପୋର୍ଟ ସହିତ ଟେଷ୍ଟ ରିପୋର୍ଟ ଦାଖଲ କରନ୍ତୁ । ଏନଜିଟି କହିଛନ୍ତି ଯେ ନଦୀର ପାଣି ସଫା ରହିବା (ପୃଷ୍ଠା ୭ରେ)



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୭ଟି ଦେଶ ସହ ଭାରତୀୟ ମୁଦ୍ରା କାରବାର

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉତା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)


ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ଜୀବନ ଜାଗୃତିରେ ପାବନ ମହାକୁମ୍ଭ ମେଳା-ଅମୃତ ସ୍ନାନ



କୁନଳତା ତ୍ରିପାଠୀ
ଜଗତସିଂହପୁର
ମୋ-୯୩୩୭୨୨୧୯୨୪

ପୃଥିବୀ ମାତାଙ୍କର ଏ ଭାରତ ଭୂମି ଏକ ପବିତ୍ର ତୀର୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଭୂମିରେ ପାଣି, ପବନ ତଥା ଗଗନର ପ୍ରବାହରେ ମହକୁ ଥାଏ ପବିତ୍ରତାର ବାସ୍ନା । ସେଇ ବାସ୍ନାରେ ବାସ୍ନାୟିତ ହୋଇ ଏ ଭୂମି, ତ୍ୟାଗର ବାର୍ତ୍ତା ଦିଏ, ଭୋଗର ନୁହେଁ। ସନାତନ ଭାବ ଧାରାରେ ପ୍ରବୃତ୍ତ ମନୁଷ୍ୟ ମଧ୍ୟରେ ମହନୀୟ ଚିନ୍ତା-ଚେତନାର ଉଦ୍ରେକ ଘଟେ । ମନୁଷ୍ୟ - ମୁଁ - ମୋ ଭିତରେ ସୀମିତ ନରହି ଏକ ଅସୀମ ସତ୍ତାଙ୍କ ଅନୁପମ ଉପଲବ୍ଧି ପାଇଁ ସାଧନା କରେ । ଏ ସୃଷ୍ଟିର ରଚୟିତା କିଏ ? ଏ ସୃଷ୍ଟିର ଉଦ୍ଦେଶ୍ୟ କଣ, ମୁଁ କାହିଁକି ଏଠିକି ପ୍ରେରିତ ହୋଇଛି ଓ ଏ ଅମୃତ ସୃଷ୍ଟିରେ ମୋର କର୍ତ୍ତବ୍ୟ କଣ ? ମୋର ଲକ୍ଷ୍ୟ ବା ଉଦ୍ଦେଶ୍ୟ କଣ ହେବା ଉଚିତ ? ଏମିତି ଅନେକ ପ୍ରଶ୍ନର ରହସ୍ୟ ତାକୁ ଗୋଲକ ଧନ୍ଦାରେ ପକାଏ । ବିନ୍ଦୁଏ ଜଳକଣା, ସିନ୍ଧୁରେ କଲ୍ଲୋଳିତ ହେବା ପରି, ପରିଶେଷରେ ସେ ଏ ସମଗ୍ର ସୃଷ୍ଟିରେ ସର୍ବତ୍ର ବ୍ରହ୍ମୋପଲବ୍ଧି କରି ଆତ୍ମା-ପରମାତ୍ମା ମଧ୍ୟରେ ନିତ୍ୟ ସମ୍ପର୍କ ସ୍ଥାପନ କରେ । ଭୋଗ ଯୋନିରେ ଜାତ ଅନ୍ୟାନ୍ୟ ଜୀବ- ଜଗତ, ଖାଦ୍ୟ-ପାନୀୟ ତଥା ଯୌନକ୍ରିୟା ଇତ୍ୟାଦି କାର୍ଯ୍ୟକଳାପରେ ଲିପ୍ତ ଥିବା ବେଳେ ଯୋଗ ଯୋନିରେ ଜାତ, ଦିବ୍ୟ-ଜ୍ଞାନଯୁକ୍ତ ମନୁଷ୍ୟ ଏ ସୃଷ୍ଟିର ମଙ୍ଗଳ-କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗୀକୃତ ଭାବରେ ବିଭିନ୍ନ ଆଧ୍ୟାତ୍ମିକ ତଥା ସାମାଜିକ ଅନୁଷ୍ଠାନରେ ପ୍ରବୃତ୍ତ ରଖେ । ମାତ୍ର ଦେଶ, ଜାତି, ଧର୍ମ, ବର୍ଣ୍ଣ, ସ୍ଥାନ, କାଳ ଓ ପାତ୍ର ଇତ୍ୟାଦିକୁ ଆଧାର କରି ମନୁଷ୍ୟକୁ ଯେତେବେଳେ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଭାବ କବଳିତ କରିବସେ, ତା ଦିବ୍ୟ ଜ୍ଞାନାଗ୍ନିକୁ ଏହି 'ମୋହ' ଅଜ୍ଞାନରୂପକ ଅନ୍ଧକାର ଆବୃତ୍ତକରି ତାକୁ କର୍ମଫଳ ପ୍ରତି ଆଶକ୍ତ କରାଏ । ସେତେବେଳେ ମାନବିକତା ବଦଳରେ ପଶୁତ୍ୱ ପ୍ରବୃତ୍ତି ତା ଭିତରେ ଜାଗ୍ରତ ହୁଏ । ତାର ଅଧଃ ପତନ ଘଟେ । ଏ ମନୁଷ୍ୟକୁ ପବିତ୍ର ଓ ଉର୍ଦ୍ଧ୍ୱ ଚେତା କରିବା ଓ ତା ଭିତରେ ଜ୍ଞାନାଗ୍ନିକୁ ସଦା ଉଦୀପ୍ତ ରଖିବା ପାଇଁ ବିଭିନ୍ନ ଯଜ୍ଞାନୁଷ୍ଠାନ ମାଧ୍ୟମରେ ଆଧ୍ୟାତ୍ମିକ ଆଲୋକର ସଂଯୋଗ କରାଯାଏ । ଏହା ହିଁ ସନାତନ ଧର୍ମର ମୂଳ ଲକ୍ଷ୍ୟ । ଭାରତୀୟ ସଂସ୍କୃତି ହେଉଛି ସନାତନ ସଂସ୍କୃତି । ସାମାଜିକ, ସାଂସ୍କୃତିକ ଓ ଆଚରଣ ଆଭିମୁଖ୍ୟ ବହନ କରି କୁମ୍ଭମେଳା ମନୁଷ୍ୟକୁ ଏକ ଉର୍ଦ୍ଧ୍ୱତର ଚେତନାକୁ ଉତ୍ତରଣ କରେ। ସୁଦୃଢ଼ ପୌରାଣିକ ଭିତ୍ତିଭୂମିରେ ଏହି କୁମ୍ଭମେଳା, ବୈଦିକ ସଂସ୍କୃତିର ପରିଚାୟକ । ମହାକୁମ୍ଭ ହେଉଛି ଭାରତର ସର୍ବ ବୃହତ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ । ପ୍ରତି ବାର ବର୍ଷରେ ଚାରୋଟି ପବିତ୍ର ତୀର୍ଥରେ ଯଥା ଉତ୍ତର ପ୍ରଦେଶର ତୀର୍ଥରାଜ ପ୍ରୟାଗ ( ଗଙ୍ଗା, ଯମୁନା ଓ ଅନ୍ତଃ ସଲୀଳା ସରସ୍ୱତୀ ନଦୀମାନଙ୍କ ସଙ୍ଗମସ୍ଥଳ ), ଉତ୍ତରାଖଣ୍ଡ'ର ହରିଦ୍ୱାର ଯେଉଁଠି ପବିତ୍ର ଗଙ୍ଗାନଦୀ ପ୍ରବାହିତ , ମଧ୍ୟପ୍ରଦେଶର ଉଜ୍ଜୟିନି ଯେଉଁଠି ପବିତ୍ର ସିପ୍ରା ନଦୀ ପ୍ରବାହମାନ ଏବଂ ନାସିକରେ ପ୍ରବାହିତ ଗୋଦାବରୀ ନଦୀରେ କୁମ୍ଭମେଳା ଆୟୋଜିତ ହୁଏ। ସମଗ୍ର ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ଏହି ପବିତ୍ର ତୀର୍ଥଭୂମିମାନଙ୍କୁ ଆଗମନ କରି ମେଳାରେ ଯୋଗଦାନ ପୂର୍ବକ ପବିତ୍ର ନଦୀମାନଙ୍କରେ ବୁଡ ପକାଇ ଥାନ୍ତି । କୋଟି କୋଟି ସଂଖ୍ୟାରେ ଜନତା ଜନାର୍ଦ୍ଦନ ଶାନ୍ତିପୂର୍ଣ୍ଣ ଭାବରେ ଆଧ୍ୟାତ୍ମିକ ଅଭିନିବେଶରେ ଉତ୍ସର୍ଗକୃତ ଭାବେ ମୋକ୍ଷ ପ୍ରାପ୍ତି ନିମନ୍ତେ ଏହି କୁମ୍ଭ ମେଳାରେ ବୁଡ ପକାଇଥାନ୍ତି । ସମଗ୍ର ପୃଥିବୀରେ ଏହି ମେଳା ସର୍ବ ବୃହତ ଧାର୍ମିକ ଅନୁଷ୍ଠାନର ମାନ୍ୟତା ବହନ କରେ । ଯାହାକୁ ମିଳିତ ଜାତିସଂଘର ଆର୍ଥିକ, ସାମାଜିକ ଏବଂ ସଂସ୍କୃତିକ ଶାଖା (UNESCO) ସ୍ୱୀକୃତି ପ୍ରଦାନ କରିଛି । ଗଙ୍ଗା, ଯମୁନା, ସରସ୍ୱତୀ, ଗୋଦାବରୀ, ନର୍ମଦା ଇତ୍ୟାଦି ପବିତ୍ର ନଦୀମାନଙ୍କରେ ବୁଡ (ସ୍ନାନକରି ) ପକାଇ କୋଟି କୋଟି ଶ୍ରଦ୍ଧାଳୁ ନିଜର ପାପରାଶିକୁ ଧୋଇ ପବିତ୍ର ହେବା ଅବସରରେ ମୋକ୍ଷପ୍ରାପ୍ତି କାମନା କରନ୍ତି । ଏହା ଚେତାଇ ଦିଏ ଗୋଟିଏ ଜନ୍ମରେ ଏ ଜୀବନ ଶେଷ ହୋଇଯାଏ ନାହିଁ । ନିଜର କୃତ କର୍ମ ପାଇଁ ଏ ଜୀବକୁ ବାର ବାର ଜନ୍ମନେବାକୁ ପଡେ। ଏ ଜୀବନକୁ ଜାଗ୍ରତ କରି ସଂସ୍କୃତି ସମ୍ପନ୍ନକରିବା ପାଇଁ କୁମ୍ଭମେଳା ଭଳି ବାରୁଣୀ ସ୍ନାନ ନିତ୍ୟାନ୍ତ ଆବଶ୍ୟକ । ଯେଉଁ ତୀର୍ଥ ଜଳରେ ସ୍ନାନକଲେ ତନୁ ନୁହେଁ ମନ ଓ ଅନ୍ତଃ କରଣ ଶୁଦ୍ଧ ହୋଇଯାଏ । ମହାକୁମ୍ଭ ମେଳା ଏକ ପ୍ରମୁଖ ତୀର୍ଥଯାତ୍ରା । ଏହା ସୁକର୍ମ ଅର୍ଥ ମହତ କର୍ମ କରିବା ପାଇଁ ପ୍ରେରଣା ଯୋଗାଏ । ଏଥିରେ ସଂସ୍କୃତିର ସ୍ୱାତନ୍ତ୍ର ପ୍ରତିପାଦିତ । ଯେଉଁ ସନାତନ ଧର୍ମର ବାଣୀ, ସଂସ୍କୃତି ସମ୍ପନ୍ନ ''ଭଦ୍ରେ କର୍ଣ୍ଣେଭି ଶ୍ରୁଣୁୟାମ-ଦେବା --'', ଅର୍ଥାତ ଭଦ୍ର କଥା ଶୁଣିବା, କହିବା, ଦେଖିବା ଇତ୍ୟାଦି । 'ସଙ୍ଗଛଧ୍ୱମ ସମ୍ବଦଧ୍ୱମ ----- ସମସ୍ତେ ସଦଭାବନା ନେଇ ଏକତ୍ର ପଦ ପାତକରି ଆଗେଇ ଚାଲିବା, -- ଆମମାନଙ୍କର ଏକ ମନ, ହୃଦୟ ଓ ପ୍ରାର୍ଥନା ହେଉ । ଏକ ନିର୍ମଳ ମନ ହିଁ କାମ୍ୟ । ଯେଉଁ ଆଧ୍ୟାତ୍ମିକ ଚେତନା କାମନା କରେ -- ସର୍ବେଷାମ ସ୍ୱସ୍ତିର୍ଭବତୁ, ସର୍ବେଷାମ ଶାନ୍ତିର୍ଭବତୁ- -- ଅର୍ଥାତ ଏହି ମେଳା- ଏକ ପୌରାଣିକ ତଥା ଆଧ୍ୟାତ୍ମିକ ଶକ୍ତିଶାଳୀ ଭିତ୍ତିଭୂମିର ଆଧାରରେ ପାଳିତ । ଦେବତା ଓ ଅସୁର ଗଣ ଦୁଇ ପାର୍ଶ୍ୱରେ ରହି ଯେତେବେଳେ ମନ୍ଦର ପର୍ବତକୁ ଖୁଆଦଣ୍ଡ, ବାସୁକୀ ନାଗକୁ ରଜ୍ଜୁ କରି ସମୁଦ୍ର ମନ୍ଥନ କରିଥିଲେ, ସେତେବେଳେ ଭଗବାନ କୂର୍ମ ଅବତାର ହୋଇ ମନ୍ଦର ପର୍ବତର ଭାରକୁ ପୃଷ୍ଠରେ ବହନ କରିଥିଲେ । ସମୁଦ୍ର ଗର୍ଭରୁ ୧୪ଟି ଦ୍ରବ୍ୟ ଯଥା ଐରାବତ ହସ୍ତୀ, ଉଚୈଶ୍ରବା ଅଶ୍ୱ, ମାତା ଲକ୍ଷ୍ମୀ, ବିଷ, ଅମୃତ କଳସ ଇତ୍ୟାଦି ମିଳିଥିଲା । ଏହି ଅମୃତ ପ୍ରାପ୍ତ ହେବା ପାଇଁ ଯେତେବେଳେ ଦେବତା ଏବଂ ଦାନବ ମାନଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଛି ସ୍ୱୟଂ ନାରାୟଣ ମୋହିନୀ ବେଶ ଧାରଣ କରି ଅମୃତ ଦେବତାମାନଙ୍କୁ ପରଷୁଥିବା ବେଳେ ରାକ୍ଷସ ରାହୁ ଦେବତାଙ୍କ ଧାଡିରେ ବସି ଅମୃତ ପାନକରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଏହା ଜାଣି ନାରାୟଣ ତାକୁ ଚକ୍ରରେ ଛେଦନ କରିଛନ୍ତି । ଏଠାରେ ପ୍ରଶ୍ନ ଉଠିପାରେ ଯେ, - ଦେବତା ଓ ରାକ୍ଷସ ଉଭୟ ସମୁଦ୍ର ମନ୍ଥନରେ ଭାଗ ନେଇଥିଲେ, ତେବେ କେବଳ ଦେବତାମାନେ ଅମୃତ ପ୍ରାପ୍ତ ହେବାର ସୌଭାଗ୍ୟ ଲାଭକରୁଥିବା ବେଳେ, ରାକ୍ଷସମାନଙ୍କୁ କାହିଁକି ସେଥିରୁ ବଞ୍ଚିତ କରାଯାଇଛି । ଏହା ପକ୍ଷପାତିତା ନୁହେଁ କି ? ସରଳ ଭାବରେ କହିଲେ- ରାକ୍ଷସମାନଙ୍କୁ ଅମର କରିଦେଲେ ଏ ସୃଷ୍ଟି ତାର ଭାରସାମ୍ୟ ରଖିପାରିବ ନାହିଁ। ରାକ୍ଷସ ପ୍ରବୃତ୍ତି ହିଁ ସର୍ବଦା ବର୍ଜନୀୟ । ତେଣୁ ଏ ସୃଷ୍ଟିରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ପାଇଁ ଦେବତ୍ୱ ଭାବ ବିକଶିତ ହେବା ଆବଶ୍ୟକତା ରହିଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଏ ସୃଷ୍ଟିରେ ଅନ୍ଧାର- ଆଲୋକ, ସୁଖ-ଦୁଃଖ, ଭଲ- ମନ୍ଦ, ପାପ- ପୁଣ୍ୟ ଇତ୍ୟାଦି ରହିଛି । ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆମ ପାଇଁ କେଉଁଟି କରଣୀୟ ଓ ଗ୍ରହଣୀୟ ତାହା ଆମକୁ ବିଚାର କରିବା ପାଇଁ ପଡେ । ସେଥିପାଇଁ ତ ମହାତ୍ୟାଗୀ ମହାରୁଦ୍ର ଏ ସୃଷ୍ଟିକୁ ବିଷ ପ୍ରଭାବରୁ ରକ୍ଷାକରିବା ପାଇଁ ନିଜେ ବିଷ ପାନକରି ନୀଳକଣ୍ଠ ପାଲଟିଛନ୍ତି । ଅଥଚ ଏହି ସମୟରେ ଅମୃତ କୁମ୍ଭ ପ୍ରାପ୍ତ ହେବା ପାଇଁ ଦେବାସୁର ମଧ୍ୟରେ କଳହ ଲାଗିଥିଲା । ରାକ୍ଷସ ରାଜା ବଳିଙ୍କର ଜଣେ ଅମାତ୍ୟ ବଳ ପୂର୍ବକ ଅମୃତ କଳସୀଟି ନେଇ ଅନ୍ତରୀକ୍ଷରେ ପଳାଇ ଯାଉଥିବା ଦେଖି ଦେବରାଜ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ ଏକ କାକ ପକ୍ଷୀର ଶରୀର ଧାରଣକରି ଅମୃତ କଳସୀ ତା ଠାରୁ ଫେରାଇ ଆଣିବା ପାଇଁ ଆକାଶ ମାର୍ଗକୁ ଉଡି ଯାଇଥିଲେ । ଜୟନ୍ତଙ୍କୁ ସହାୟତା କରିବା ପାଇଁ ଦେବତା ମାନେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ । ଦୁଇ ପକ୍ଷ ମଧ୍ୟରେ ଅମୃତ କଳସୀ ଆଣିବା ପାଇଁ ବଳ ପ୍ରୟୋଗ କରାଯାଉଥିବା ବେଳେ କୁମ୍ଭଟି ଚହଲି ଯାଉଥିବା ଯୋଗୁଁ ଭାରତ ଭୂଖଣ୍ଡର ତିନୋଟି ସ୍ଥାନ - ହରିଦ୍ୱାର, ପ୍ରୟାଗରାଜ ଏବଂ ନାସିକରେ କିଛି କିଛି ପରିମାଣର ଅମୃତ ଛିଟିକି ପଡିଥିଲା । ମନୁଷ୍ୟର ମନ ଓ ଶରୀର ବିଭିନ୍ନ କାରଣକୁ ନେଇବିଷାକ୍ତ ହେଉଥିବାରୁ, ତାକୁ ବିଶୁଦ୍ଧକରିବା ପାଇଁ କୁମ୍ଭମେଳା ଅମୃତ ସ୍ନାନର ଅବସର ପ୍ରଦାନ କରେ । ଦୁର୍ଲଭ ସଂଯୋଗ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ମହାଶିବରାତ୍ରି ପର୍ଯ୍ୟନ୍ତ ଥାଏ । ଯେତେବେଳେ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରମା ଏକତ୍ର ମକର ରାଶିରେ ଅବସ୍ଥାପିତ ଥାଇ ଗୁରୁ ବୃହସ୍ପତି ମେଷରାଶିରେ ପ୍ରବେଶ କରିବା ଯୋଗୁଁ ଏକ ଅନନ୍ୟ ମହାଜାଗତିକ ସଂଯୋଗ ଘଟେ ସେତେବେଳେ ମହାକୁମ୍ଭମେଳା ଅନୁଷ୍ଠିତ ହୁଏ । ଯଦିଓ ପ୍ରତିବର୍ଷ ମାଘ ମାସରେ ସୂର୍ଯ୍ୟ ଓ ଚନ୍ଦ୍ର ମକର ରାଶିରେ ଏକତ୍ର ଅବସ୍ଥାନ କରିଥାନ୍ତି, କେବଳ ପ୍ରତି ବାର ବର୍ଷରେ ବୃହସ୍ପତି ମେଶ ରାଶିରେ ପ୍ରବେଶ କରନ୍ତି । ତେଣୁ ପ୍ରତି ବାର ବର୍ଷରେ ଏହି ମହାଜାଗତିକ ସଂଯୋଗ ଘଟେ । ଏହାକୁ ପୂର୍ଣ୍ଣ କୁମ୍ଭ ବା ମହାକୁମ୍ଭ କୁହାଯାଏ । ତିନି ବର୍ଷରେ ଯେଉଁ ସ୍ନାନ କରାଯାଏ ତାକୁ କୁମ୍ଭ, ଛଅ ବର୍ଷରେ ଅର୍ଦ୍ଧ କୁମ୍ଭ ଓ ବାର ବର୍ଷରେ ପାଳିତ କୁମ୍ଭକୁ ପୂର୍ଣ୍ଣକୁମ୍ଭ କୁହାଯାଏ । ତେଣୁ ଗୁରୁ ବୃହସ୍ପତିଙ୍କ ଚଳନ ହିଁ ମହାକୁମ୍ଭମେଳାର ମୁଖ୍ୟ ଆଧାରଶିଳା।

ଏହି ସ୍ନାନ ବୈଦିକ ସଂସ୍କୃତି ଓ ପରମ୍ପରା ଆଧାରିତ । ଋଗବେଦରେ ପ୍ରୟାଗ ସ୍ନାନ ବିଷୟରେ ବର୍ଣ୍ଣନା ରହିଛି। ବୁଦ୍ଧଦେବ ମଧ୍ୟ ପ୍ରୟାଗରେ ସ୍ନାନ ହୃଦୟକୁ ପବିତ୍ର କରିବା ସହିତ ମନୁଷ୍ୟକୁ ସତ କର୍ମରେ ପ୍ରବୃତ୍ତକରାଏ ବୋଲି ଉଲ୍ଲେଖ କରିଛନ୍ତି (ପାଲି ଭାଷା)। ମହାଭାରତରେ ମଧ ପ୍ରୟାଗ ସ୍ନାନ, ପୂର୍ବ କର୍ମର ସଞ୍ଚିତ ପାପ ଧ୍ୱଂସ କରି ପୁଣ୍ୟ ଫଳ ପ୍ରଦାନ କରେ ବୋଲି ବର୍ଣ୍ଣନା ରହିଛି । ସବୁର ଉର୍ଦ୍ଧ୍ୱରେ ପ୍ରୟାଗ ରାଜକୁ ଯେତେବେଳେ ଭୌଗୋଳିକ ତୀର୍ଥ ଭାବେ ଗ୍ରହଣକରି ମାନସିକ ତୀର୍ଥ ( ହୃଦୟ ତୀର୍ଥ)ରେ ଶ୍ରଦ୍ଧାଳୁ ବୁଡ ପକାଏ ସେତେବେଳେ ଶରୀର ଓ ମନ ପବିତ୍ର ହେବା ସହ ହୃଦୟରେ ହିଁ ଅମୃତ ଉପଲବ୍ଧି ଆସେ । ଏହି ସମୟରେ ପରମ ପ୍ରୀତି ଆସ୍ୱାଦନ କରେ ଜୀବ । ମୋକ୍ଷ ପ୍ରାପ୍ତ ହେବାର ଯେଉଁ ବାଞ୍ଛା ତା ଅନ୍ତର ଆତ୍ମାକୁ ଆନନ୍ଦ ଦିଏ ତା ଦ୍ୱାରା ସେ ସଂସାର ବନ୍ଧନରୁ ହିଁ ମୁକ୍ତ ହୁଏ । ଏହି କୁମ୍ଭମେଳାର ତୀର୍ଥଯାତ୍ରା ସହିତ ମନୁଷ୍ୟର ଜୀବନ ଯାତ୍ରା ଦିବ୍ୟ -ଭବ୍ୟ ପଥରେ ଅଗ୍ରସର ହୁଏ । ସତ୍ୟ, ଶାନ୍ତି, ଦୟା, କ୍ଷମା, ଧୈର୍ଯ୍ୟ ଉଦାରତା ତଥା ଆତ୍ମସଂଯମତା ଇତ୍ୟାଦି ମହନୀୟ ଗୁଣ ଉଦ୍ରେକ ହୋଇ ଜୀବିତାବସ୍ଥାରେ ମଧ ମନୁଷ୍ୟ ଜୀବନମୁକ୍ତ ହୁଏ ।

ଐତିହାସିକ ପୃଷ୍ଠ ଭୂମିରେ -ଚୀନ ପରିବ୍ରାଜକ ହୁଏନସାମ ମଧ ରାଜା ହର୍ଷବର୍ଦ୍ଧନ ଏବଂ ତାଙ୍କ ରାଜଧାନୀ ପ୍ରୟାଗ ବିଷୟରେ ଓ ହିନ୍ଦୁ ପବିତ୍ର ପ୍ରୟାଗ ରାଜରେ ସ୍ନାନ ବିଷୟରେ ତାଙ୍କ 'ସୀ-ୟୁ-କି' (ଭାରତ ଭ୍ରମଣ କାହାଣୀ) ରେ ଉଲ୍ଲେଖକରିଛନ୍ତି । ୮ମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ହିଁ ଏକ ପାରମ୍ପରିକ ପଦ୍ଧତିରେ କୁମ୍ଭ ମେଳା ଆରମ୍ଭକରିଥିଲେ । ସେ ଅନେକ ସଂଖ୍ୟାରେ ହିନ୍ଦୁମାନଙ୍କୁ ଏକତ୍ରିତ କରାଇ ଦାର୍ଶନିକ ଆଲୋଚନା ଓ ତର୍କ-ବିତର୍କ କରୁଥିଲେ । ବିଭିନ୍ନ ମୀମାଂଷାରେ ମଧ ଉପନୀତ ହେଉଥିଲେ । ଐତିହ୍ୟ ଓ ପରମ୍ପରା ବହନ କରି ଏହି କୁମ୍ଭମେଳା ପୃଥିବୀର ସର୍ବ ବୃହତ ଧାର୍ମିକ ସମ୍ମେଳନ । ପ୍ରତି ୧୨ ବର୍ଷରେ ଥରେ ପୂର୍ଣ୍ଣ କୁମ୍ଭ ମେଳା ପାଳନ କରାଯାଏ । ପ୍ରତି ୬ ବର୍ଷରେ ଥରେ ଅର୍ଦ୍ଧ କୁମ୍ଭ ମେଳା ଏବଂ ୧୨ଟି ପୂର୍ଣ୍ଣ କୁମ୍ଭରେ ଅର୍ଥାତ ୧୪୪ ବର୍ଷରେ ମହା କୁମ୍ଭ ମେଳା ଆୟୋଜନ କରାଯାଏ । ଏହି ବର୍ଷରେ ୧୪୪ ବର୍ଷର ମହାକୁମ୍ଭ ପଡିଛି । ୨୦୧୯ମସିହା ପ୍ରୟାଗ କୁମ୍ଭ ମେଳାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଥିଲେ କି 'ଅର୍ଦ୍ଧ କୁମ୍ଭ ମେଳା ଯାହା ପ୍ରତି ୬ ବର୍ଷରେ ଅନୁଷ୍ଠିତ ହୁଏ - ତାକୁ ସାଧାରଣ ଭାବରେ କୁମ୍ଭ ମେଳା ପ୍ରତି ୧୨ବର୍ଷରେ ଯେଉଁ କୁମ୍ଭ ମେଳା ପାଳିତ ହେଉଛି ତାହା ହେଉଛି ମହାକୁମ୍ଭ ମେଳା ।

ଅତି ପବିତ୍ର ମାନୁଥିବା ସ୍ନାନ ଦିବସ ଗୁଡିକ ହେଉଛି ମକର ସଙ୍କ୍ରାନ୍ତି (ଏ ବର୍ଷ ୧୪ ଜାନୁଆରୀ), ମୌନୀ ଅମାବାସ୍ୟା (୨୧ଜାନୁଆରୀ) ଯାହାକୁ ଓଡିଆରେ ତ୍ରିବେଣୀ ଅମାବାସ୍ୟା କୁହାଯାଏ, ବସନ୍ତ ପଞ୍ଚମୀ (୩ ଫେବୃଆରି), ମାଘ ପୂର୍ଣ୍ଣିମା (୧୨ ଫେବୃଆରି) ଏବଂ ମହା ଶିବରାତ୍ରି (୨୬ ଫେବୃଆରି) । ଏହି ସ୍ନାନ ବା ବୁଡ ପକାଇବାର ପ୍ରଥମ ଅଧିକାର ନାଗାସାଧୁମାନଙ୍କୁ ଦିଆଯାଇଛି, ଯାହା ଆଦି ଶଙ୍କରାଚାର୍ଯ୍ୟ ପ୍ରବର୍ତ୍ତନ କରିଥିଲେ। କାରଣ ପରମ ତ୍ୟାଗୀ ତଥା ସନାତନ ଧର୍ମର ରକ୍ଷକ ଭାବରେ ଯେ ଦିକ୍ଷା ଗ୍ରହଣକରି ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି । ସାଂସାରିକ ସୁଖ-ଦୁଃଖଠାରୁ ଦୂରରେ ରହି ଯାହା ମିଳେ ତାକୁ ଖାଇ, ଦେହର ବସ୍ତ୍ର ବର୍ଜନ କରି ଧର୍ମକୁ ସୁରକ୍ଷା ପ୍ରଦାନ କରନ୍ତି । ୧୦ ସମ୍ପ୍ରଦାୟରେ ବିଭକ୍ତ ଦଶନାମୀ- ଗିରି ସଂପ୍ରଦାୟ- ଗିରି ଗୁହାରେ ସାଧନାରତ ଥାନ୍ତି । ପ୍ରକୃତି ଓ ପାହାଡ ପର୍ବତମାନଙ୍କର ସୁରକ୍ଷାକରନ୍ତି । ପୁରୀ ସଂପ୍ରଦାୟ- ଏମାନେ ବିଭିନ୍ନ ପୁର ପାଟଣା ବୁଲି ଭିକ୍ଷା କରି ସାଧନାରତ ରହିବା ସହିତ ସନାତନ ଧର୍ମର ରକ୍ଷା କରନ୍ତି । ସରସ୍ୱତୀ ସଂପ୍ରଦାୟ- ଏମାନେ ବିଦ୍ୟାକୁ ସୁରକ୍ଷା ପ୍ରଦାନକରନ୍ତି। ବେଦ, ବେଦାନ୍ତ ଉପନିଷଦ ଇତ୍ୟାଦି ଧର୍ମଗ୍ରନ୍ଥର କୌଣସି ପ୍ରକାର ଅବକ୍ଷୟ ନ ହେଉ, ଏମାନଙ୍କର ମୁଖ୍ୟ ଆଭିମୁଖ୍ୟ । ଭାରତୀ, ବନ, ଅରଣ୍ୟ ଓ ସାଗର ଇତ୍ୟାଦି ସମ୍ପ୍ରଦାୟ ପର୍ବତ ଜଳ ସ୍ଥଳ ବାୟୁ ବନ ଗିରି ଆକାଶ ଇତ୍ୟାଦି ସୃଷ୍ଟିକୁ ସୁରକ୍ଷା ପ୍ରଦାନ କରି ସନାତନ ଧର୍ମରେ ସମଗ୍ର ସୃଷ୍ଟି କଲ୍ୟାଣ କିଭଳି ଭାବରେ ନିହିତ ତାହା ତାଙ୍କ ତ୍ୟାଗପୂତ ଜୀବନର ପରାକାଷ୍ଠା । ସେମାନଙ୍କର ତ୍ୟାଗପୂତ ଜୀବନଚର୍ଯ୍ୟା ସୃଷ୍ଟିର ମଙ୍ଗଳ ବିଧାନ ପାଇଁ ପ୍ରେରିତ । ସମସ୍ତ ସାଧୁ ସନ୍ଥ ଓ ସାଧାରଣ ଜନତାଙ୍କ କୁମ୍ଭ ମେଳା ସ୍ନାନରେ କୌଣସି ବାଛ- ବିଚାର ନଥାଏ । ଯେଉଁ ତୀର୍ଥରେ ଚାରି ଧାମର ଶଙ୍କାରାଚାର୍ଯ୍ୟମାନେ ବୁଡ ଦେଉଛନ୍ତି, ନର-ନାରୀ, ଦେଶୀ- ବିଦେଶୀ, ଜାତି-ଧର୍ମ ବର୍ଣ୍ଣନିର୍ବିଶେଷରେ ସେ ତୀର୍ଥରେ ବୁଡ ଦେଉଛନ୍ତି । ଏହି ସମଭାବାପନ୍ନ ସମନ୍ୱୟ କ୍ଷେତ୍ର ପ୍ରମାଣିତ କରେ ବସୁଧୈବ କୁଟୁମ୍ବକମ ଭାବ ସନାତନ ଧର୍ମର ମହାନତା । ତୀର୍ଥରାଜ ପ୍ରୟାଗ ସ୍ନାନରେ ଦେହର ମଇଳା ନୁହେଁ ମନର ମଇଳା ସଫା ହୋଇ ମାନସିକ ଉର୍ଜା ଜାତ ହୁଏ । ସମନ୍ୱୟର ବାର୍ତ୍ତା ପ୍ରଦାନ କରୁଥିବା ଏହି ସଂଗମ ସ୍ଥଳ ଦାର୍ଶନିକ ଦୃଷ୍ଟିଭଙ୍ଗୀରୁ ଅତ୍ୟନ୍ତ ଭାବ ଗର୍ଭକ । ଏହି ପବିତ୍ର କାଳରେ ଶୀତ ଋତୁ ଥଣ୍ଡାର ପ୍ରକୋପକୁ ଖାତିର ନକରି ଅଦୃଶ୍ୟ ଭାବେ ତପସ୍ୟାରତ ଥିବା ସାଧୁ- ସନ୍ଥ ମହାତ୍ମାମାନଙ୍କର ଆଗମନ ଘଟେ । ସାଧାରଣ ଜନତା ସେମାନଙ୍କୁ ଦର୍ଶନର ସୌଭାଗ୍ୟ ଲାଭକରନ୍ତି । ଏହା ହିଁ ଆତ୍ମୀୟତାବୋଧର ପ୍ରତିଫଳନ ଯାହା ଦ୍ୱାରା ବିଚାରଶୀଳତା ଓ ମର୍ଯ୍ୟାଦାବୋଧ ଜାଗିଉଠେ । ଭାରତୀୟ ସଂସ୍କୃତି ହେଉଛି ସନାତନ ସଂସ୍କୃତି , ମୌଳିକ ଧର୍ମ ସନାତନ ଧର୍ମ । ଏହାର ସାମାଜିକ ଓ ସାଂସ୍କୃତିକ ଆଭିମୁଖ୍ୟ ତତ୍ତ୍ୱଭିତ୍ତିକ ଯାହା ଅନୁଧାନଯୋଗ୍ୟ ଓ ଜୀବନଧାରାର ପ୍ରାଣକେନ୍ଦ୍ର । ତେଣୁ ସର୍ବଶ୍ରେଷ୍ଠ ଏବଂ ସର୍ବ ବୃହତ ବୈରାଗୀ ଅଧ୍ୟାତ୍ମ କୁମ୍ଭମେଳା । ଏଇ ମହାନ ଭାବକୁ ଆଧାର କରି ଆଧ୍ୟାତ୍ମିକ ଆନନ୍ଦ ସହ ପରମ ଲକ୍ଷ୍ୟ ପ୍ରାପ୍ତହେବା ପାଇଁ ଏକ ସଞ୍ଜମିତ ଚିତ୍ତବୃତ୍ତିରେ ସାଂସାରିକ କର୍ତ୍ତବ୍ୟ ନିଭାଇବା ସର୍ବାଦୌ ବାଞ୍ଛନୀୟ।

# ଡଙ୍କି ଫ୍ଲାଇଟ୍



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ୧୫,୭୫୬ ଜଣଙ୍କୁ ଆମେରିକାରୁ ଭାରତକୁ ପଠାଇ ଦିଆ ଯାଇଅଛି, ୨୦୦୯ - ୭୩୪ , ୨୦୧୦-୭୯୯,୨୦୧୧-୫୯୭,୨୦୧୨-୫୩୦,୨୦୧୩-୫୧୫, ୨୦୧୪-୫୯୧ ,୨୦୧୫-୭୦୮,୨୦୧୬-୧୩୦୩,୨୦୧୭-୨୦୧୪,୨୦୧୮-୧୦୮୦,୨୦୧୯-୨୦୪୨, ୨୦୨୦-୧୮୮୯, ୨୦୨୧-୮୦୫,୨୦୨୨- ୮୬୨, ୨୦୨୩-୬୧୭, ୨୦୨୪-୧୩୬୮ ଜଣ ୨୦୨୫ ମସିହା ଫେବୃଆରୀ ମାସ ପର୍ଯ୍ୟନ୍ତ ଆସିଥିବା ଭାରତୀୟ ମାନଙ୍କ ହିସାବ ଯୋଡ଼ିଲେ ଆମ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ସଂସଦରେ ରଖିଥିବା ସଂଖ୍ୟା ୧୫,୭୫୬ ସହିତ ସମାନ ହୋଇଯିବ । ତେବେ ଏହି ସବୁ ଭାରତୀୟ ନାଗରିକ ମାନେ କାହିଁକି ଅନୈତିକ ବା ବେଆଇନ ଭାବେ ଦେଶ ବାହାରକୁ ଯାଉଛନ୍ତି ? ସେମାନଙ୍କୁ ଏହି ଦେଶାନ୍ତର ପ୍ରକ୍ରିୟାରେ କିଏ କିଏ ସହାୟତା କରୁଛନ୍ତି ସେହି ବିଷୟରେ ସମ୍ୟକ୍ ଜ୍ଞାନରୁ କିଛି ଆଲୋଚନା କରିବା । ଦେଶ ଭିତରେ ନିଜ ଯୋଗ୍ୟତାକୁ ନେଇ ଯଦି କିଛି ଉପଯୁକ୍ତ ବା ସନ୍ତୋଷଜନକ ଆୟର ପନ୍ଥା ନଥାଏ, ଦେଶର ଆର୍ଥିକ ଅବସ୍ଥା ନିମ୍ନଗାମୀ ହୋଇଥାଏ, ଯୁଦ୍ଧର ଭୟ ଥାଏ, ବେକାରୀ ସମସ୍ୟା ବଢ଼ି ଯାଇଥାଏ, ସରକାରଙ୍କ ଉଦାସୀନତା ଯୋଗୁଁ ପରିବାର ପ୍ରତିପୋଷଣ କରିବାରେ ବାଧା ଆସୁଥାଏ, ଏବଂ ଏହି ସବୁ ସୁବିଧା ଯଦି ସହଜରେ ବିଦେଶ ମାଟିରେ ଉପଲବ୍ଧ ହେଉଥାଏ ତେବେ ଆଶାୟୀ ନିଶ୍ଚିତ ଭାବେ ଅଧିକ ଆୟର ଆଶାରେ ଦେଶାନ୍ତର ଗମନ କରିବାକୁ ଶ୍ରେୟ ମଣିଥାଏ ।

ସମ୍ପ୍ରତି ଆମେ ଖବର କାଗଜ ତଥା ଟିଭି ସମ୍ବାଦ ମାଧ୍ୟମରୁ ଖବର ପାଉଛୁ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ୍ ପ୍ରବାସୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଅପରାଧୀ ସଦୃଶ ଗୋଡ଼ ହାତ ବାନ୍ଧି ନିଜ ନିଜ ଦେଶକୁ ପଠାଇ ଦେଇଛନ୍ତି ଏହି ପ୍ରକ୍ରିୟା ଆଗକୁ ମଧ ଚାଲିବ ବୋଲି ଟ୍ରମ୍ପ ପ୍ରଶାସନ କହିଛି । ଏହା କିଛି ନୂଆ କଥା ନୁହେଁ ତେବେ ନୂଆ କଥା ହେଲା ଏଥରକ ଟ୍ରମ୍ପ ପ୍ରଶାସନ ହାତ ଗୋଡ଼ ବାନ୍ଧି ଆମେରିକୀୟ ବାୟୁସେନା ବିମାନରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଭାରତୀୟ ମାନଙ୍କୁ ଆଣି ଭାରତ ସରକାରଙ୍କ ଜିମା ଦେଇଗଲେ । ପରିସଂଖ୍ୟାନରୁ ଜଣାପଡେ ଯେ, ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ୧୫,୭୫୬ ଜଣଙ୍କୁ ଆମେରିକାରୁ ଭାରତକୁ ପଠାଇ ଦିଆ ଯାଇଅଛି, ୨୦୦୯ - ୭୩୪ , ୨୦୧୦-୭୯୯,୨୦୧୧-୫୯୭,୨୦୧୨-୫୩୦,୨୦୧୩-୫୧୫, ୨୦୧୪-୫୯୧ ,୨୦୧୫-୭୦୮,୨୦୧୬-୧୩୦୩ , ୨୦୧୭ - ୨୦୧୪ , ୨୦୧୮ - ୧୦୮୦,୨୦୧୯-୨୦୪୨, ୨୦୨୦-୧୮୮୯, ୨୦୨୧-୮୦୫,୨୦୨୨- ୮୬୨, ୨୦୨୩-୬୧୭, ୨୦୨୪-୧୩୬୮ ଜଣ ୨୦୨୫ ମସିହା ଫେବୃଆରୀ ମାସ ପର୍ଯ୍ୟନ୍ତ ଆସିଥିବା ଭାରତୀୟ ମାନଙ୍କ ହିସାବ ଯୋଡ଼ିଲେ ଆମ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ସଂସଦରେ ରଖିଥିବା ସଂଖ୍ୟା ୧୫,୭୫୬ ସହିତ ସମାନ ହୋଇଯିବ । ତେବେ ଏହି ସବୁ ଭାରତୀୟ ନାଗରିକ ମାନେ କାହିଁକି ଅନୈତିକ ବା ବେଆଇନ ଭାବେ ଦେଶ ବାହାରକୁ ଯାଉଛନ୍ତି ? ସେମାନଙ୍କୁ ଏହି ଦେଶାନ୍ତର ପ୍ରକ୍ରିୟାରେ କିଏ କିଏ ସହାୟତା କରୁଛନ୍ତି ସେହି ବିଷୟରେ ସମ୍ୟକ୍ ଜ୍ଞାନରୁ କିଛି ଆଲୋଚନା କରିବା । ଦେଶ ଭିତରେ ନିଜ ଯୋଗ୍ୟତାକୁ ନେଇ ଯଦି କିଛି ଉପଯୁକ୍ତ ବା ସନ୍ତୋଷଜନକ ଆୟର ପନ୍ଥା ନଥାଏ, ଦେଶର ଆର୍ଥିକ ଅବସ୍ଥା ନିମ୍ନଗାମୀ ହୋଇଥାଏ, ଯୁଦ୍ଧର ଭୟ ଥାଏ, ବେକାରୀ ସମସ୍ୟା ବଢ଼ି ଯାଇଥାଏ, ସରକାରଙ୍କ ଉଦାସୀନତା ଯୋଗୁଁ ପରିବାର ପ୍ରତିପୋଷଣ କରିବାରେ ବାଧା ଆସୁଥାଏ, ଏବଂ ଏହି ସବୁ ସୁବିଧା ଯଦି ସହଜରେ ବିଦେଶ ମାଟିରେ ଉପଲବ୍ଧ ହେଉଥାଏ ତେବେ ଆଶାୟୀ ନିଶ୍ଚିତ ଭାବେ ଅଧିକ ଆୟର ଆଶାରେ ଦେଶାନ୍ତର ଗମନ କରିବାକୁ ଶ୍ରେୟ ମଣିଥାଏ । ତେବେ ଭାରତ ବର୍ଷରେ କିଛି ମାତ୍ରାରେ ବେକାରୀ ସମସ୍ୟାକୁ ଛାଡି ଦେଲେ ଅନ୍ୟ କୌଣସି ସମସ୍ୟା ଥିବା ପରି ମନେ ହୁଏନାହିଁ । ଏତେ ସଂଖ୍ୟକ ଭାରତୀୟ ବେଆଇନ୍ ଭାବେ କାହିଁକି ବିଦେଶକୁ ଚାଲି ଯାଉଛନ୍ତି ? ଏହା କ'ଣ ଆମ ସରକାରଙ୍କ ପାଇଁ ଏକ ଚିନ୍ତାର ବିଷୟ ନୁହେଁ କି ? ? ଦେଶାନ୍ତର ଗମନ କରି ଆୟ ବୃଦ୍ଧି କରିବା ଏକ ଅପରାଧ ନୁହେଁ, ତେବେ ଯଦି ଏହା ନିୟମ କାନୁନ୍ ଅନୁସାରେ ହୋଇ ଥିବ ତଥା ବିଦେଶ ଯିବା ନିମନ୍ତେ ସେମାନଙ୍କ ନିକଟରେ ବୈଧ ପାସ୍ପୋର୍ଟ ଥିବ ଏବଂ ଯେଉଁ ଦେଶକୁ ଯିବେ ସେହି ଦେଶର ବୈଧ ଭିସା ମଧ ଥିବା ଦରକାର ତାହା ସହିତ ଯେଉଁଠାରେ କାର୍ଯ୍ୟ କରିବେ ସେହି ସଂସ୍ଥାର ଅନୁମତି/ନିଯୁକ୍ତି ପତ୍ର ଥିବା ଦରକାର କିନ୍ତୁ ଯେଉଁମାନେ ଏହି ନିୟମ ଗୁଡିକୁ ବେଖାତିର୍ କରି କଳେ ବଳେ କୌଶଳେ ନିଜର ସର୍ବସ୍ୱ ବିକ୍ରିବଟା କରି ବନ୍ଧକ ଦେଇ ଦଲାଲ ମାନଙ୍କ ସହାୟତାରେ ଦେଶ ଛାଡ଼ି ରୋଜଗାର ଆଶାରେ ବିଦେଶ ଯାଇଥାନ୍ତି ସେମାନଙ୍କ କପାଳରେ ଏହିପରି ଅପରାଧ ପାଇଁ ଜେଲ ଦଣ୍ଡ ବା ଗଳା ଧକ୍କା ଖାଇ ପୁନଶ୍ଚ ସ୍ୱଦେଶକୁ ଫେରିବାର ନଜିର ଦେଖିବାକୁ ମିଳେ। ଏହି ପ୍ରକ୍ରିୟାରେ ଯାଉଥିବା ବ୍ୟକ୍ତି ମାନଙ୍କ ଦେଶାନ୍ତର ଯାତ୍ରାକୁ 'ଡଙ୍କି ଫ୍ଲାଇଟ୍' କୁହାଯାଏ, ଗଧ ପିଠିରେ ଯାତ୍ରା ସଦୃଶ ଏମାନଙ୍କ ଯାତ୍ରା ଖୁବ କଷ୍ଟ ଦାୟକ ତଥା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ମଧ ଅନେକଙ୍କର ପକ୍ଷରେ ସମ୍ଭବ ହୋଇ ନ ଥାଏ । ଦଲାଲ ମାନେ ଅନେକ ଗଳାବାଟ ଦେଇ ଏପରି ଲୋକଙ୍କୁ ବିଦେଶ ନେଇ ଥା'ନ୍ତି ଯେଉଁମାନେ ଏହିଭଳି ବେଆଇନ୍ ମାନବ ଚାଲାଣ କରନ୍ତି ସେହି ଏଜେଣ୍ଟ ମାନଙ୍କୁ ଡଙ୍କରସ୍ କୁହାଯାଏ , ଲୋକଙ୍କୁ ଉଚ୍ଚ ବେତନ ତଥା ରାଜକୀୟ ଜୀବନ ଯାପନର ଦିବା ସ୍ୱପ୍ନ ଦେଖାଇ ତାଙ୍କର ସର୍ବସ୍ୱ ଲୁଟି ନେଇ ସେମାନଙ୍କୁ ଏପରି ଏକ ସ୍ଥାନରେ ଛାଡ଼ି ଦିଅନ୍ତି ଯେ ଯେଉଁଠାରୁ କି ସମୟ ସମୟରେ ଜୀବନ ନେଇ ଫେରିବା ମଧ ସମ୍ଭବ ହୋଇ ନଥାଏ । ଭାରତବର୍ଷର ଦୁଇଗୋଟି ରାଜ୍ୟର ଲୋକମାନେ ସର୍ବାଧିକ ବେଆଇନ ଭାବେ ବିଦେଶରେ ବସବାସ କରିବାର ଦିବା ସ୍ୱପ୍ନର ଶିକାର ହୋଇଥା'ନ୍ତି ସେହି ରାଜ୍ୟ ଦୁଇଟି ହେଲା ପଞ୍ଜାବ ଏବଂ ଗୁଜୁରାଟ । ବର୍ତ୍ତମାନ ହରିୟାଣା ପ୍ରଦେଶ ସହିତ ଅନ୍ୟ ରାଜ୍ୟର କିଛି କିଛି ବ୍ୟକ୍ତି ଏହି ବେଆଇନ୍ ଦେଶାନ୍ତର ପ୍ରଥାକୁ ଆପଣେଇ ନେଉଛନ୍ତି , ମନେହୁଏ ସରକାରଙ୍କ ଉଦାସୀନତା ତଥା ବେକାରୀ ସମସ୍ୟା ଏହାର ମୂଳ କାରଣ । ଯେଉଁ ଏଜେଣ୍ଟ ମାନେ ଏପରି ଆଇନ୍ ବିରୋଧୀ କାର୍ଯ୍ୟରେ ଲିପ୍ତ ସେମାନଙ୍କୁ ଧରି କଠୋର ଦଣ୍ଡର ବ୍ୟବସ୍ଥା ଯଦି ହୋଇ ପାରନ୍ତା ତେବେ ଏହି କୁତ୍ସିତ ପ୍ରକ୍ରିୟାକୁ କିଛି ମାତ୍ରାରେ କମ୍ କରିବା ସମ୍ଭବ ହୋଇ ପାରନ୍ତା । ଇଣ୍ଟରପୋଲ୍ ମଧ ଏହି ଦଲାଲ ମାନଙ୍କୁ ଧରିବାକୁ ଚେଷ୍ଟିତ ତେବେ ସେମାନଙ୍କୁ କିଛି ଦେଶ ସହଯୋଗ କରୁ ନଥିବା ବିଷୟ ଜଣାପଡୁଛି । ଭାରତରେ ଏଜେଣ୍ଟ ମାନେ ପ୍ରତି ବ୍ୟକ୍ତି ଠାରୁ ୨୫ ରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ନିମନ୍ତେ ନେଇଥାନ୍ତି ଏବଂ ସେମାନଙ୍କ ପାଇଁ ଜାଲି ପାସ୍ପୋର୍ଟ ତଥା ଅନ୍ୟ କାଗଜ ପତ୍ର କରିଦେଇ ସେମାନଙ୍କର ଇପ୍ସିତ ଦେଶର ସୀମା ପର୍ଯ୍ୟନ୍ତ ନେଇ ଛାଡ଼ି ଦିଅନ୍ତି ,ପରବର୍ତ୍ତୀ କାର୍ଯ୍ୟ ନିଜକୁ କରିବାକୁ ପଡିଥାଏ, କେଉଁଠି ମାଇଲ ମାଇଲ ବାଟ ଚାଲିବାକୁ ହୁଏ ତ କେଉଁଠି ସମୁଦ୍ର ମଧ ଦେଇ ଛୋଟ ଛୋଟ ଡଙ୍ଗାରେ ଯାତ୍ରା କରିବାକୁ ହୁଏ ତ କେଉଁଠାରେ ଆବଦ୍ଧ କଣ୍ଟେନର୍ ମଧ୍ୟରେ ଦିନ ଦିନ ଯାତ୍ରା ଜନିତ ଉପବାସ ରହିବାକୁ ପଡେ ତ ସମୟ ସମୟରେ ସୀମା ସୁରକ୍ଷା ପୋଲିସ ଗୁଳିରେ ନିଜର ବହୁମୂଲ୍ୟ ଜୀବନ ହାରିବାକୁ ପଡେ ତ କେତେବେଳେ ଜଙ୍ଗଲରେ ହିଂସ୍ର ପ୍ରାଣୀଙ୍କ ଶିକାର ହେବାକୁ ପଡେ । ଆଉ ଯେଉଁମାନେ ବଞ୍ଚି ରହି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇ ଥା'ନ୍ତି ସେମାନଙ୍କର ଆଶା ସେଠାରେ ହିଁ ମଉଳି ଯାଇଥାଏ କାରଣ ସେମାନେ ସଦା ସର୍ବଦା ଧରା ପଡିଯିବା ଭୟରେ ନିଜକୁ ପ୍ରଶାସନ ଠାରୁ ଲୁଚାଇ ରଖନ୍ତି, ସେଠାରେ ସେମାନଙ୍କୁ ଉପଯୁକ୍ତ ଚାକିରି ମିଳି ନଥାଏ, ଯେନ ତେନ ଉପାୟରେ ଖୁବ୍ ସ୍ୱଳ୍ପ ଆୟ କରନ୍ତି ଯାହାକି ନିଜେ ଚଳିବା ମଧ କଷ୍ଟକର ହୋଇଯାଏ, ତାଙ୍କର ସବୁ ରଙ୍ଗୀନ ସ୍ୱପ୍ନ ବିଦେଶରେ ହଜିଯାଏ ଏବଂ ନିଜେ ନେଇଥିବା ଭୁଲ ନିଷ୍ପତ୍ତି , ଅନୁତାପର ଲୁହକୁ ଖୁବ୍ କଷ୍ଟରେ ପିଇ ଯାଇ ଥା'ନ୍ତି , ଆଉ ଯେତେବେଳେ ସରକାରଙ୍କ ଦ୍ୱାରା ଧରାପଡ଼ି ଡ଼ିପୋର୍ଟ ବା ସେହି ଦେଶରୁ ବିତାଡିତ ହୁଅନ୍ତି ସେତେବେଳେ ତାଙ୍କ ଦେଶରେ ତାଙ୍କର କିଛି ନଥାଏ ନିଃସ୍ୱ ଅବସ୍ଥା ହୋଇଥାଏ । ସରକାର ଯଦି ଗଣ ମାଧ୍ୟମ ଦ୍ୱାରା ଲୋକମାନଙ୍କୁ କିଛି ସକାରାତ୍ମକ ସନ୍ଦେଶ ଦେଇ ପାରନ୍ତେ , କିଛି ନୂତନ ରୋଜଗାର ସୃଷ୍ଟି କରି ପାରନ୍ତେ , ଜାଲି ଦସ୍ତାବିଜ କରୁଥିବା ଦଲାଲ ମାନଙ୍କୁ ଦଣ୍ଡ ଦେଇ ପାରନ୍ତେ ତେବେ ଏପରି ମାନବ ଚାଲାଣ ନିଶ୍ଚିତ ଭାବେ କମି ଯାଆନ୍ତା ଏଥିରେ କୌଣସି ସନ୍ଦେହ ନାହିଁ । ଶ୍ରମ ବିଭାଗ, ବୈଦେଶିକ ବିଭାଗ , ରାଜ୍ୟ ପୋଲିସ ତଥା ଜନସାଧାରଣଙ୍କ ସହଯୋଗ ବିନା ଏପରି ନିନ୍ଦନୀୟ ଘୃଣ୍ୟ କାର୍ଯ୍ୟର ସମାପ୍ତି ହେବ ନାହିଁ ବୋଲି ଲେଖକଙ୍କ ନିଜସ୍ୱ ମତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୨୨

## ଦୈବୀ ପରୀକ୍ଷାର ସମ୍ମୁଖୀନ ହେଲେ କର୍ଣ୍ଣ-୩

ସ୍ୱର୍ଗରେ ଇନ୍ଦ୍ର ଭାବୁଥିଲେ, ଦିନେ ନା ଦିନେ ଅର୍ଜୁନ ଓ କର୍ଣ୍ଣଙ୍କ ମଧ୍ୟ ଯୁଦ୍ଧ ନିଶ୍ଚୟ ହେବ । କର୍ଣ୍ଣଙ୍କର ସ୍ୱର୍ଗୀୟ ସାଞ୍ଜୁ ଓ ସ୍ୱର୍ଗୀୟ କୁଣ୍ଡଳ ଥିବା ଯାକେ ଅର୍ଜୁନ ଜିତିପାରିବ ନାହିଁ । ସେ ବ୍ରାହ୍ମଣ ବେଶ ଧାରଣ କରି କର୍ଣ୍ଣଙ୍କ ପାଖରେ ପହଞ୍ଚିଲେ ।

କର୍ଣ୍ଣ ! ଅପ୍ରତିଦ୍ୱନ୍ଦୀ ଯୋଦ୍ଧାପଣ ବ୍ୟତୀତ ତାଙ୍କର ଆଉ ଏକ ମହାନ୍ ଗୁଣ ଥିଲା । ସେ ଥିଲେ ମହାଦାନୀ । ସେ ଲାଗି ତାଙ୍କୁ ଦାନବୀର କର୍ଣ୍ଣ କୁହାଯାଏ ।

ଛଦ୍ମବେଶୀ ବ୍ରାହ୍ମଣ କର୍ଣ୍ଣଙ୍କୁ ଧନଦରବ ମାଗିବା ପରିବର୍ତ୍ତେ ମାଗିଲେ ତାଙ୍କର କବଚ ଓ କୁଣ୍ଡଳ । ଏଥିପୂର୍ବରୁ ସୂର୍ଯ୍ୟଦେବତା ସ୍ୱପ୍ନରେ ଆସି କର୍ଣ୍ଣଙ୍କୁ ସତର୍କ କରିଦେଇଥିଲେ- ଇନ୍ଦ୍ର ବ୍ରାହ୍ମଣ ବେଶରେ ଆସି ତୁମକୁ ଠକିପାରନ୍ତି । ତୁମ କବଚକୁଣ୍ଡଳ କାହାକୁ ଦାନ କରିବନାହିଁ । ସୂର୍ଯ୍ୟଦେବତାଙ୍କ କଥା ତାଙ୍କର ମନେଥିଲେ ମଧ୍ୟ କର୍ଣ୍ଣ ଛଦ୍ମବେଶୀ ବ୍ରାହ୍ମଣଙ୍କୁ ନିଜ ହାତରେ କବଚ କୁଣ୍ଡଳ ଉତାରି ଦାନ କରିଦେଲେ ।


ଇନ୍ଦ୍ର ଆଶ୍ଚର୍ଯ୍ୟ ! ମୁଁ କେଡ଼େ ସ୍ୱାର୍ଥପର ! ନିଜପୁଅ ପାଇଁ ଆଉ ଗୋଟିଏ ପୁଅର କେତେ ବଡ଼ କ୍ଷତି କରିଦେଲି !

ସେ କହିଲେ- ମୁଁ ଇନ୍ଦ୍ର ! ଛଳକରି ବ୍ରାହ୍ମଣ ବେଶରେ ଆସିଥିଲି । ତୁମେ ଆଜି ଯାହା କଲ, ଜଗତରେ କେହି କରିନାହାଁନ୍ତି କି କରିପାରିବେ ନାହିଁ । ମୁଁ ସନ୍ତୁଷ୍ଟ କର୍ଣ୍ଣ । କି ବର ମାଗୁଛ ମାଗ !

କର୍ଣ୍ଣ କହିଲେ- ତୁମର ପ୍ରମୁଖ ଅସ୍ତ୍ର 'ଶକ୍ତି' ମୋତେ ପ୍ରାପ୍ତ ହେଉ, ଯାହା ଦ୍ୱାରା ମୁଁ ମୋର ଶତ୍ରୁଙ୍କ ମୃତ୍ୟୁର କାରଣ ହେବି । ଇନ୍ଦ୍ର କିନ୍ତୁ ଗୋଟିଏ ସର୍ତ୍ତରେ ବର ଦେଲେ । ଯେ, ସେହି ଅସ୍ତ୍ର ଥରେ ମାତ୍ର ପ୍ରୟୋଗ ହୋଇପାରିବ । ଶତ୍ରୁକୁ ଅବଶ୍ୟ ମାରିବ, ତେବେ ମାରିସାରିବା ପରେ ତାହା ମୋ ପାଖକୁ ଫେରିଆସିବ ।

ଇନ୍ଦ୍ର ଅଦୃଶ୍ୟ ହେଲେ ।

କର୍ଣ୍ଣ ଚାଲିଲେ ପର୍ଶୁରାମଙ୍କ ପାଖକୁ । ତାଙ୍କର ଶିଷ୍ୟ ହେବାକୁ । ପର୍ଶୁରାମ କେବଳ ବ୍ରାହ୍ମଣଙ୍କୁ ଶିକ୍ଷା ଦିଅନ୍ତି । କ୍ଷତ୍ରିୟଙ୍କୁ ନୁହଁ । କର୍ଣ୍ଣ ନିଜକୁ ବ୍ରାହ୍ମଣ ବୋଲି କହିଲେ ଓ ଶିଷ୍ୟତ୍ୱ ଗ୍ରହଣ କଲେ ଏବଂ ତାଙ୍କଠାରୁ ବହ୍ମାସ୍ତ୍ର ପ୍ରୟୋଗ କରିବାର ମନ୍ତ୍ର ଶିକ୍ଷାକଲେ ।



ଦିନେ, ପର୍ଶୁରାମ ଶିଷ୍ୟର କୋଳରେ ମଥାରଖି ଶୋଇପଡ଼ିଥିଲେ । ଏହି ସମୟରେ ଏକ ବଜ୍ରକୀଟ କର୍ଣ୍ଣଙ୍କ ଜଂଘକୁ କାମୁଡ଼ିଲା । କ୍ଷତରୁ ରକ୍ତ ବହିବାକୁ ଲାଗିଲା । କର୍ଣ୍ଣ ହଲଚଲ ହେଲେ ନାହିଁ । କାଳେ ଗୁରୁଙ୍କର ନିଦ୍ରା ଭାଙ୍ଗିହେବ ! ତାଙ୍କ ଜଂଘରୁ ରକ୍ତ ବହିଚାଲିଥାଏ । ପ୍ରବଳ ଯନ୍ତ୍ରଣାକୁ କର୍ଣ୍ଣ ସହିଯାଉଥିଲେ ।

ପର୍ଶୁରାମ ନିଦରୁ ଉଠିଲେ । ଦେଖିଲେ କର୍ଣ୍ଣଙ୍କ ଜଂଘରୁ ରକ୍ତ ବହୁଛି । କହିଲେ, "ହେ ମୋର ପ୍ରିୟ ଶିଷ୍ୟ, ତୁମେ କେଉଁ ହେଲେ ବ୍ରାହ୍ମଣ ନୁହଁ । ସତ କୁହ ତୁମେ କିଏ !"

କର୍ଣ୍ଣ ସ୍ୱୀକାର କଲେ ସେ କ୍ଷତ୍ରିୟ ଏବଂ ଜଣେ ରଥ ଚାଳକର ପୁତ୍ର ।

"ତୁମେ ଗୁରୁଙ୍କୁ ଠକିଲ ! ଠିକ୍ ଅଛି, ତୁମକୁ ଅଭିଶାପ ଦେଉଛି, ତୁମେ ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ରହ୍ମାସ୍ତ୍ରର ଆବାହନୀ ମନ୍ତ୍ର ପାସୋରିଦେବ । ଯାଅ !" କହିଲେ ପର୍ଶୁରାମ ।

କୁରୁକ୍ଷେତ୍ର ଯୁଦ୍ଧରେ କର୍ଣ୍ଣ ଅର୍ଜୁନଙ୍କୁ ଭେଟିଲେ । ଯୁଦ୍ଧର ଶେଷ ପର୍ଯ୍ୟାୟରେ, ସେ ବହ୍ମାସ୍ତ୍ରର ଆବାହନୀ ମନ୍ତ୍ର ମନେପକେଇ ପାରିଲେନାହିଁ । ଯଦିବା ସେ ପର୍ଯ୍ୟନ୍ତ ତାଙ୍କର ଠିକ୍ ଠିକ୍ ମନେଥିଲା ।

ଏହି ହେଉଛନ୍ତି କର୍ଣ୍ଣ ! ଦୁର୍ଯ୍ୟୋଧନଙ୍କ ପ୍ରତି ତାଙ୍କର ଆନୁଗତ୍ୟ ଶେଷପର୍ଯ୍ୟନ୍ତ ରହିଥିଲା । କୁରୁକ୍ଷେତ୍ର ଯୁଦ୍ଧରେ, ଭୀଷ୍ମ ଓ ଦ୍ରୋଣଙ୍କର ପତନ ପରେ କର୍ଣ୍ଣ ହେଲେ କୌରବ ସେନାର ସେନାପତି ଏବଂ ଦୁଇଦିନ ଧରି ବୀରତ୍ୱ ସହକାରେ ଯୁଦ୍ଧକଲେ ।

ଶେଷ ଯୁଦ୍ଧ ସେ ଲଢୁଥିଲେ ଅର୍ଜୁନ ସହିତ । ଗୋଟେ ସମୟରେ ତାଙ୍କର ରଥଚକ ଭୂଇଁରେ ପୋତି ହୋଇଗଲା । ସେ ରଥରୁ ଓହ୍ଲେଇ ରଥକୁ ଭୂଇଁରୁ ମୁକୁଳେଇବାକୁ ଚେଷ୍ଟା କଲେ । ପାରିଲେନାହିଁ । ଅର୍ଜୁନ ଏହି ସୁଯୋଗ ଅପେକ୍ଷାରେ ଥିଲେ । କର୍ଣ୍ଣ ନିରସ୍ତ୍ରଥିବା ଦେଖି ଅର୍ଜୁନ ତାଙ୍କୁ ହତ୍ୟାକଲେ ।

କର୍ଣ୍ଣର ମୃତ୍ୟୁ ସମ୍ବାଦ ଶୁଣି ଦୁଃଖରେ ଭାଙ୍ଗିପଡ଼ିଲେ କୁନ୍ତୀ । ବେଶି ଦୁଃଖକଲେ, କାରଣ କର୍ଣ୍ଣଙ୍କ ପରିଚୟ ସେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧ୍ୟ ଗୋପନ ରଖିଥିଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଆସ ଋତୁରାଜ ଆସ ହେ ଆସ

*ସୁରମା ମିଶ୍ର*



ଆସ ଋତୁରାଜ ଆସ ହେ ଆସ
କରୁଛୁ ସ୍ୱାଗତ ହୋଇ ହରଷ

ତୁମ ଆଗମନେ ହସିବ ଧରା
ଉଦ୍ୟାନେ ଖୋଲିବ ଶୋଭା ପସରା

ନାନାଜାତି ଫୁଲ ଫୁଟି ଶୋଭିବ
ସଭିଙ୍କର ମନ ମୋହି ସେ ନେବ

ଆମ୍ବ ବଉଳର ବାସ ବାସିବ
ସାରା ମୂଲକଟା ମହକି ଯିବ

ତୁମ ଆଗମନ ବାରତା ପାଇ
କୋଇଲି ମନ ଉଚ୍ଚାଟ ହୁଅଇ

ଆମ୍ବଗଛ ଡାଳେ ବସିଣ ସିଏ
କୁହୁକୁହୂ ସ୍ୱରେ ଗୀତଟି ଗାଏ

ତା ଗୀତକୁ ସବୁ ଖୁସି ମନରେ
ଶୁଣୁଥାନ୍ତି ବସି କାନ ଡେରି ରେ

ସୁଲୁସୁଲୁ ବହେ ମଳୟ ବାଆ
ଆନନ୍ଦରେ ନାଚି ଉଠଇ ହିଆ

ନାହିଁ ଶୀତ ନାହିଁରେ ଟାଣ ଖରା
ବସନ୍ତଋତୁ ଟି ଅଟେ ନିଆରା

ଫଗୁରେ ରଙ୍ଗେଇ ହୋଇ ଗୋବିନ୍ଦ
ବିମାନେ ବୁଲନ୍ତି ପରମାନନ୍ଦ

ଆସଆସ ଭାଇ ଫଗୁ ଖେଳିବା
ସମସ୍ତଙ୍କୁ ଆମେ ରଙ୍ଗେଇ ଦେବା

ପର ଆପଣାର ଭାବିବା ନାହିଁ
ଶୁଭ ମନାସିବା ଫଗୁ ଲଗାଇ

ଏ ପରବ ପରା ଆମ ସଂସ୍କୃତି
ଗରବରେ ଫୁଲି ଉଠଇ ଛାତି

କିଛି ମାଗୁନାହିଁ ପ୍ରଭୁ ହେ ଆଉ
ଖୁସିରେ ଖୁସିରେ ଦିନଟି ଯାଉ ।

*ବିଏଲ-୩୯, ଭିଏସ୍ଏସ୍ ନଗର ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ହେଲାଣି ବସନ୍ତ ପ୍ରବେଶ

*ନୀଳମଣି ଚନ୍ଦ*

ମଳୟ ବହିଲା ସୁଉ
ଆମ୍ର କୁଞ୍ଜେ ପିକ କୁହୁ
କାକର କୁହୁଡ଼ି ଅଳପ ଅଳପ
ଫେରନ୍ତା ବାଟରେ କରନ୍ତି ଗଳପ
ନାଇଁରେ ଖରାର ଉଃ
କିଏ ମାରିଲାଣି ଛୁଉ୍

ପେନ୍ଥି ବଉଳର ବାସ
ଗଲା ଶୀତ ଖୋଲି ଫାଶ
ଶୀତବସନର ନାଇଁରେ ଭୂମିକା
ହେଉରେ ସୁଲଭ ଅବା ସେ ଦାମିକା
ମାଘର ତ ସର୍ବନାଶ
ଆସରେ ଦେଖିବ ଆସ

ଅଶୋକ ଫୁଲର ପେନ୍ଥା
ଝୁଲେ ନିମ କଢ ନେନ୍ଥା
ସଜବାଜ ହୋଇ ଧରିତ୍ରୀ ରହିଛି
ଆପଣାର କରି ସିଏରେ ନେଇଛି
ଉଲ୍ଲସିତ ତରୁଲତା
କହେ ବସନ୍ତର କଥା ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ପରୀକ୍ଷା ଆସୁଛି...

*ଗୋପୀନାଥ ଦାଶ*



ପରୀକ୍ଷା ଆସୁଛି କୁନା ମୁନା ରନୀ
ସଅଳ ସଅଳ ଉଠ
ପଡିଶା ଘର ପୁଅ କେତେ ବେଳୁ ଉଠି
ବସି ପଢ଼ିଲାଣି ପାଠ
ବାପା, ମାଁ ମନ ଅସ୍ଥିର ହେଉଛି
ପିଲାର ପରୀକ୍ଷା ପାଇଁ
ମନକୁ ଲଗାଇ ପାଠକୁ ଲେଖିଲେ
ଆଗକୁ ପଢିବ ଯାଇ
ପାଠ ପଢିଲେ ଶିକ୍ଷିତ ହୋଇବ
ସଭିଙ୍କୁ ସଙ୍ଗରେ ନେଇ
ଦେଶ ବିକାଶରେ ଭାଗିଦାର ହେବ
ବିକଶିତ ରାଷ୍ଟ୍ର ପାଇଁ
ପିଲାଏ ବୁଝନ୍ତି ପାଠର ଗୁରୁତ୍ୱ
ଅଭ୍ୟାସ କରିବେ ନିତି
ପାଠ ପଢି ଯେ ରଖିବେ ଟେକ
ପାରିବେ ଜଗତ ଜିତି
ସମୟକୁ ଜଗି କଲେ ଅଭ୍ୟାସ
ଭୟ ନାହିଁ ପରୀକ୍ଷାକୁ
ପାଠକୁ ସାରିଲେ ସମୟ ଭିତରେ
ପାଠ ଆସିବ ମନକୁ ।



*ବଲାଙ୍ଗିର*
*ମୋ-୬୩୭୧୮୦୫୦୭୦*

# ପରୀକ୍ଷା ଋତୁ

*ସୁଧାକର ରାଉତ*

ମାଘ ମାସରେ ଖରା ପରି ଆସି
ପରୀକ୍ଷାଟା ହଜାଏ ତୁମ ଖୁସି
ମାତ୍ର ତାକୁ ତୁମେ ନକରି ଭୟ
ପଢା ପଢ଼ିରେ ରଖ ଏକ ଲୟ
ଏଣେ ତେଣେ ଆଉ ନ ଦେଇ ମନ
କଠିନ ଶ୍ରମ ପରେ ଦିଅ ଧ୍ୟାନ
ମନକୁ ସଦା କରି ଚାପ ମୁକ୍ତ
ଅଧ୍ୟୟନରେ ହୁଅ ଦୃଢଶକ୍ତ
ଆଳସ୍ୟପଣକୁ ଠେଲିଣ ଦୂର
ସବୁ ବିଷୟକୁ ଆୟତ୍ତ କର
କଠିନ ଲାଗୁଅଛି ଯେଉଁ ପାଠ
ଗୁରୁଙ୍କଠୁ ବୁଝ ନକରି ମଠ
ବୁଝିବ ଯାକୁ ଲେଖି ଦେଲେ ଥରେ
ପାଶୋରିବା କାହିଁ ରହିବ ଦୂରେ
ବିଷାଦ ଭାବ ମନୁ ସଦା ତେଜ
ଭବିଷ୍ୟତ କଥାକୁ ବାରେ ହେଜ
ଦୃଢ଼ ଇଚ୍ଛାଶକ୍ତି ବଳରେ ତୁମେ
ଉଡ଼ାଇବ ସୁନାମ ନିଜ ନାମେ
ସଫଳତା ତୁମ ପରୀକ୍ଷା ରୂପେ
ଡାକେ ଦୁଆରେ ଦେଖ ଆପେ ଆପେ ।



*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*



# ମୁଁ ' ହେବି

*କୀର୍ତ୍ତନ ସାହୁ*

ମୁଁ ' ହେବି ଗାନ୍ଧୀଜୀ ମହାତ୍ମା ଗାନ୍ଧୀ
ଧରିବି ଅହିଂସା ଅସ୍ତ୍ର
ଅହିଂସା ବଳରେ ହୃଦୟ ଜିଣିବି
ଧରିବିନି ଅସ୍ତ୍ରଶସ୍ତ୍ର

ଆବଶ୍ୟକ ହେଲେ ସୁଭାଷ ମୁଁ ହେବି
ଅସ୍ତ୍ର ମୁଁ ଧରିବି ହାତେ
ରକ୍ତର ଜବାବ ରକ୍ତରେ ଦେବି ମୁଁ
ପକାଇ ଆପଣା ଗାତେ

ମାନବ ସେବାରେ ହେବି ଗୋପବନ୍ଧୁ
ଯୋଗାଇବି ମୋର ସେବା
ରୋଗୀ ହେଉ ଅବା ଅଭାବୀ ସେ ହେଉ
ଅନ୍ନ ବସ୍ତ୍ର ନେଇ ଦେବା

ମୁଁ ହୋଇବି ଦିନେ ବାବୁ ମଧୁ ବାବୁ
ଦେଶର ଉନ୍ନତି ପାଇଁ
କଳକାରଖାନା ଗଢାଇ ଲୋକଙ୍କୁ
ଯୋଗାଇବି କାମ ଯାଇ

ମଦର ଟେରେସା ହୋଇବି ମୁଁ ପୁଣି
ଶାନ୍ତିର ପ୍ରତୀକ ହେବି
ମାନବ ଜାତିକୁ ଭଲ ପାଇବି ମୁଁ
ଅନାବିଳ ସେବା ଦେବି

ଯାହା ପାଖେ ଯେଉଁ ଭଲ ଗୁଣ ଅଛି
ସବୁକୁ ମୁଁ ଅନୁସରି
ନିଜେ ସେହିପରି କାମ ମୁଁ କରିବି
ହୃଦୟେ ମମତା ଭରି ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ନାଆଁଟି ତାହାର ବୋର୍ଡ ପରୀକ୍ଷା

*ଦୀନବନ୍ଧୁ ପୋଇ*



ଦଶ ବରଷରେ ଥରୁଟିଏ ଆସେ
ଛାତ୍ରଛାତ୍ରୀଙ୍କର ଜୀବନେ
ନାଆଁଟି ତାହାର ବୋର୍ଡ ପରୀକ୍ଷା
ଥାଏ ପିଲାଙ୍କର ଚିନ୍ତନେ
ବରଷେ ଆଗରୁ ପ୍ରସ୍ତୁତ ହୁଅନ୍ତି
ପରୀକ୍ଷା ଦେବାକୁ ପିଲାଏ
ଜ୍ଞାତି କୁଟୁମ୍ବଠୁ ସରକାର ଯାଏ
ଏଥିପାଇଁ ମୁଣ୍ଡ ବଥାଏ
କେମିତି କରିବେ ଭଲ ପରୀକ୍ଷାରେ
ଦିନରାତି ମଥା ଘୂରଇ
ପାଖେଇ ଆସିଲେ ପରୀକ୍ଷା ତାରିଖ
ସଭିଙ୍କର ଛାତି ଥରଇ
ସବୁ ପିତାମାତା ଗୁରୁ ଜ୍ଞାନଦାତା
କୁହନ୍ତି ପିଲାଙ୍କୁ ବୁଝାଇ
ଧୈର୍ଯ୍ୟ ଧରି ଚାଲ କର୍ମ କରି ପିଲେ
ଫଳକୁ ତୁମେ ନ ଅନେଇ
ପରିଶ୍ରମ ନେଇ ଫଳଟି ମିଳଇ
ରହିଛି ଯେ ଉଦାହରଣ
ଜାରା ଶବରର ନିଷ୍ଠାର ସଫଳ
ଜାଣିବ ପଢିଲେ ପୁରାଣ
ନିଜର ଭିତରେ ଖୋଜିଲେ ପାଇବ
ସଫଳତାର ସେ କାରଣ
ନିଇତି ସନ୍ଧ୍ୟା ଓ ସକାଳରେ ପୁଣି
ଗାଉଥିବ ପ୍ରଭୁ ଜଣାଣ ।

*ଗୋରଡ଼ାପାଳ,କରମୂଳ,ଢେଙ୍କାନାଳ*
*ଦୂରଭାଷ - ୯୯୩୮୮୦୨୪୧୨*

# ମାଡ଼ି ଆସିଲାଣି ଖରା

*ସୁଜିତ କୁମାର ମିଶ୍ର*



ମାଡ଼ି ଆସିଲାଣି ଖରା
ସୂରୁଜର ତାତି ସହି ହେଉନାହିଁ
ଘରେ ରୁହ ଦିନସାରା

ଗଛ ମୂଳେ ଦିଅ ପାଣି
କ୍ଷତି କରିବନି ଖରା ତାର କିଛି
ଅମ୍ଳଜାନ ଦେବ ଆଣି

ନିରନ୍ତର ପାଣି ପିଅ
ଖରାରେ ରହିବ ସତେଜ ଶରୀର
ନଥିବ ରୋଗର ଭୟ

ଗଛଟେ ଲଗାଅ ନିତି,
ଶୀତଳ ଛାଇ ସେ ନିତି ପରଶିଲେ
ଖରାରେ ପାଇବ ଶାନ୍ତି

ଜଳଛତ୍ର ଖୋଲିଦିଅ,
ଖରାଦିନ ହେଉ ହସର ଜୁଆର
ସବୁ ଖଟିଖିଆ ମୁହଁ

ମାଡି ଆସିଲାଣି ଖରା
ପ୍ରକୃତିକୁ ଆମ ଧ୍ୱଂସ କରିବାନି
କାନେ କହିଦିଅ ପରା ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଋତୁରାଜ ଆସିଲା

*ଶିଶିର କୁମାର ପଣ୍ଡା*



ଶୀତ ଗଲା କମିକମି
ଋତୁରାଜ ଆସିଲା
ଆମ୍ବଡାଳେ ବଉଳ ଯେ
ମହମହ ବାସିଲା
ଖରା ଗଲା ବଢ଼ିବଢ଼ି
ପଙ୍ଖା ଲୋଡ଼ା ପଡ଼ିଲା
ଶୁଖିଲା ପତର ସବୁ
ଧୀରେ ଧୀରେ ଝଡ଼ିଲା
ଆଉ ଭଲ ଲାଗୁନାହିଁ
ରେଜେଇ କି ଚଦର
ପଖାଳ ଭାତର ଏବେ
ବଢ଼ିଲାଣି ଆଦର
ତରବତ ଲାଗୁନି ଏଣେ
ସୁଆଦ କା' ପାଟିକି
ବଦଳରେ ତରଭୁଜ
ଖାଇଲେଣି କାଟିକି
କହିଲାଣି ପାଣିପାଗ
ହେବ ଭାରି ଗରମ
ଦାନକଲେ ଦହି, ପାଣି
ବଢ଼ିଥାଏ ଧରମ
ଖରାଦିନେ ଆମେ ଯଦି
ସାବଧାନ ରହିବା
ଅଂଶୁଘାତ ହେବନାହିଁ
ବୁଲିବୁଲି କହିବା ।

*କୁଆଁସ, ମେରଦା କାଟିଆ, ଯାଜପୁର*
*ଆଳାପ-୮୯୮୧୭୩୭୨୨୮*

# ମୁଁ ପରା ଆସିଛି ବସନ୍ତ ରାଜା

*ଅଶୋକ କୁମାର ପ୍ରଧାନ*



କିଏ ସେ ଆସୁଛି ଆମରି ମରତେ
ବେଶ ଭୂଷା ଏତେ ସଜେଇ ହେଇ
ଗଛ ଲତା କିଆଁ ପାଗଳ ପରାଏ
ନାଚନ୍ତି ତା' ଲାଗି ତାଥେଇ ଥେଇ

କି ପାଇଁ କହତ ଅଭିମାନ କରି
ଚାଲିଗଲା ଧରାରୁ ଜାଡୁଆ ଶୀତ
ତା' ଯିବାର ଦେଖି କାହିଁକି ପକ୍ଷୀଏ
ମନ ଖୋଲା କରି ଗାଆନ୍ତି ଗୀତ

ଆମ୍ବ ବଉଳର ମହ ମହ ବାସ
ତା ଲାଗି କାହିଁକି ଧରାରେ ହସେ

କହିବୁ କି ସାଙ୍ଗ ସକାଳରୁ ସଞ୍ଜ
କିଆଁ ଫୁଲଙ୍କର ହାଟଟି ବସେ

ପନି ପରିବାର ଆସର ଜମଇ
ଏତେ ଶସ୍ତା କିଆଁ ପରିବା ଦର
ହସଖୁସି କିଆଁ ସବୁଠି ଖେଳଇ
ପୁରିଲା ଲାଗଇ ସବୁରି ଘର

ସାହାଡା ଡାଳରେ ହଳଦୀ ବସନ୍ତ
କିଆଁ ଲୁଚକାଳି ଆନନ୍ଦେ ଖେଳେ
ଧିରେ ଧିରେ ଖରା ଟାଣ କାହିଁ ହୁଏ
ଏଇ ଋତୁ ପାଦ ଥାପିଲା ବେଳେ

ଭାବନା ଭିତରେ ବୁଡି ପଚାରିଲି
କହଲୋ ମୋ କଥା ପ୍ରକୃତି ରାଣୀ
କହିଲା ସେ ଧିରେ ମୁଁ ପରା ବସନ୍ତ
ଋତୁରାଜେ ଜଣା, ପାରୁନୁ ଜାଣି

ଥୁଣ୍ଟା ଗଛ ଡାଳେ ପତର ଆଣଇ
ମୁଁ ପରା ଆସିଛି ବସନ୍ତ ରାଜା
ଆସ ପିଲାମାନେ ଖେଳିବା ନାଚିବା
ଖୁସିରେ ବଜାଇ ତେଲିଙ୍ଗି ବାଜା ।

*(ଶିକ୍ଷକ), ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ , ରୋହିଗାଁ, ଗଞ୍ଜାମ*
*ମୋ-୮୨୪୯୧୧୯୧୩୦*

# ଗଛ ହାଣ ନାହିଁ

*ଜୟନ୍ତ କୁମାର ମଲ୍ଲିକ*



ଗଛ ହାଣ ନାହିଁ କାଠୁରିଆ ଭାଇ
ଶୁଣ ଟିକେ ମୋର ବାଣୀ
ନିଜ ଜୀବନକୁ ବିପଦରେ କିଆଁ
ପକାଉଛ ଜାଣି ଜାଣି
ଋତୁ ଚକର ଯେ ଯାଉଛି ବଦଳି
ଯେଣୁ ଗଛ ହାଣୁ ଅଛ
ନିଜ ସ୍ୱାର୍ଥ ପାଇଁ ହୋଇ ମତୁଆଲା
ଗଛକୁ କରୁଛ ପଛ
ଠିକ୍ ସମୟରେ ବରଷା ହେବନି
ଦୁର୍ଭିକ୍ଷ ଆସିବ ମାଡ଼ି
ଗଛ ହାଣି ନୂଆ ରାସ୍ତା ତିଆରିକି
ଚଢୁଥାଆ ଖାଲି ଗାଡ଼ି
ପାରଦ ତାତୁଛି ନିଦାଘ ମାତୁଛି
ତାପମାତ୍ରା ଯାଏ ବଢ଼ି
ଅଂଶୁଘାତ ନିଏ ଅସଂଖ୍ୟ ଜୀବନ
ମାରେ ଖାଲି ଘଡ଼ଘଡ଼ି
ମହାବାତ୍ୟା ବହେ ପ୍ରବଳ ବେଗରେ
ଧ୍ୱଂସ ହୁଏ କେତେ କଣ
ମୋତେ ହାଣୁ ଅଛ ନିର୍ବୋଧ ଭାବରେ
ମୁଁ ପରା ଅଟେ ତୋ ପ୍ରାଣ
ସତର୍କ କରୁଛି ଗଛ ହାଣ ନାହିଁ
ନଷ୍ଟ ହୁଏ ପରିବେଶ
ଗଛରେ ତୋହର ଜୀବନ ଆରମ୍ଭ
ଗଛରେ ବି ତୋର ଶେଷ ।

*ଶୁରଡିହ, ନନ୍ଦିପୁର,*
*ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

# ଫଗୁଣ ଆସିଲା ଛପିଛପି

*ନିରଞ୍ଜନ ସାହୁ*



ଫଗୁଣ ଆସିଲା ଛପିଛପି
ବସନ୍ତ ସହିତ ଗପିଗପି
ଋତୁରାଜଙ୍କର ଧରାବତରଣ
ଓଁ ନମଃ ଶିବାୟ ଜପିଜପି

ଦିନ ବଢ଼ିବାରୁ ଡ଼ରିଡ଼ରି
ଶୀତ ଦିନ ଗଲା ସରିସରି
ଖରାର ପ୍ରଭାବ ଧୀରେ ଧୀରେ ବଢ଼େ
ଶୀତ ମନ ଯାଏ ମରିମରି

କୁହୁଡି କାକର ପଡିପଡି
ଗଛରୁ ପତର ଝଡିଝଡି
ନୂଆପତ୍ରମାନ କଅଁଳି ଉଠୁଛି
ଶୀତକୁ ପଛରୁ ତଡ଼ିତଡ଼ି

ରସାଳ ବଉଳ ଭୁରୁଭୁରୁ
ସକାଳ ଗାଧୁଆ ଥୁରୁଥୁରୁ
ପରିବେଶ ଏବେ ଶାନ୍ତ ଓ କୋମଳ
ଥୁଣ୍ଟାଗଛ ଦିଶେ ଫୁରୁଫୁରୁ

କୋଇଲିର ମନ କନକନ
କୁହୁକୁହୁ ଗାଏ ଘନଘନ
ପଞ୍ଚମ ତାନରେ କୋଇଲି ଗାଉଛି
ଶୁଣି ଆମ ମନ ଛନଛନ

ନାନା ଜାତି ଫୁଲ ଫୁଟିଫୁଟି
ବାସନା ଯାଉଛି ଛୁଟିଛୁଟି
ମଧୁପ ଫୁଲଙ୍କ ସମ୍ପର୍କ ଏମିତି
କେବେହେଁ ଯାଏନା ତୁଟିତୁଟି

ପଳାଶ ଫୁଟିକି ନାଲିନାଲି
ବାସ୍ନା ବିନା ସିଏ ଖାଲିଖାଲି
ଶ୍ୟାମଳ ପତ୍ରରେ ଆଚ୍ଛାଦିତ ଏବେ
ଦର୍ଶନ କରିବା ଚାଲିଚାଲି

ଶିବାଳୟ ଯିବା ତରତର
ଜପିବା ସଭିଏଁ ହରହର
ଜାଗର ଜାଳିବା ଉଜାଗର ରହି
ବାନା ଉଡୁଥିବ ଫରଫର

ଅବିର ହସୁଛି କିରିକିରି
ମଳୟ ବହୁଛି ଥିରିଥିରି
ହୋଲି ଖେଳୁଥିବା ସର୍ବେ ମିଳିମିଶି
ଗାଆଁ ସାରା ବୁଲି ଘିରିଘିରି

ମାଘ ମାସ ଏବେ ଯାଉଯାଉ
ସାମାନ୍ୟ ଶୀତଟା ଥାଉଥାଉ
ଫଗୁଣ ସମ୍ବନ୍ଧେ କବିତା ଲେଖିବା
ବସନ୍ତ ପରଶ ପାଉପାଉ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ -୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ବସନ୍ତ ଆସୁଛି ବୋଲି

*ସୁହଂସ ଭୋଇ*

ଉତ୍ତରା ପବନ ଅଟକି ଗଲାଣି
ବସନ୍ତ ଆସୁଛି ବୋଲି
ମୃଦୁ ମଳୟରେ ରସାଳ ବଉଳ
କାନନେ ଖେଳୁଛି ଦୋଳି

ଗଭାରେ ଖୋସିଛି ପଳାଶ କୁସୁମ
ସଯତନେ ବସୁମତୀ
ସବୁଜ ପାଟରେ ସୁନାରୀ ଫୁଲଟି
ଚମକୁଛି ଯେହ୍ନେ ମୋତି

କାମିନୀ କାଞ୍ଚନ ଚମ୍ପା ଚାହିଁଛନ୍ତି
ହାତରେ ମହକ ଧରି
ଦେହକୁ ସଜେଇ ବସିଛି ବନାନୀ
ଦିଶୁଛି ସୁନ୍ଦରୀ ଭାରି

କୁହୁକୁହୁ ତାନେ ଉଲ୍ଲାସେ କୋଇଲି
ଗାଏ ଆବାହନ ଗୀତି
ମନ ବିନୋଦନେ ଭ୍ରମୁଛି ଭ୍ରମର
ଗରବେ ଫୁଲେଇ ଛାତି

ବସନ୍ତ ଆଣିଛି ସମ୍ଭାର ବହୁତ
ଆଦର ଉଦାର ପ୍ରୀତି
ଗୋଟି ଗୋଟି କରି ସବୁ ଦେବ ବାଣ୍ଟି
ଛାଡ଼ି ଯିବ କିଛି ସ୍ମୃତି ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

# ତୁମ ହସ୍ତଶିଳ୍ପ ...



ମିତାଂଶୀ ମିଶ୍ର, ଷ୍ଟାଣ୍ଡାର୍ଡ-୬
ବ୍ଲେସଡ୍ ସାକ୍ରାମେଣ୍ଟ ହାଇସ୍କୁଲ୍, ପୁରୀ

# କରାଚୀ ଛାତିରେ ଉଡ଼ିଲା ତ୍ରିରଙ୍ଗା
# ବିବାଦ ପରେ ମୁଣ୍ଡ ନୁଆଁଇଲା ପାକିସ୍ତାନ




**ନୂଆଦିଲ୍ଲୀ**

ଶେଷରେ ପାକିସ୍ତାନକୁ ପୁଣି ଥରେ ଭାରତ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ, ପାକିସ୍ତାନର କରାଚୀ-ଲାହୋର ଷ୍ଟାଡିୟମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ଦେଖାଯାଇଥିଲା ଯେ ଏହି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳର ପତାକା ଷ୍ଟାଡିୟମର ଛାତ ଉପରେ ଉଡୁଥିବା ବେଳେ ସେଠାରେ ଭାରତୀୟ ତ୍ରିରଙ୍ଗା ନ ଥିଲା।

ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ସାରା ବିଶ୍ୱରେ ପାକିସ୍ତାନକୁ ନିନ୍ଦା କରାଯାଇଥିଲା। ଏହି ଘଟଣା ପରେ, ପାକିସ୍ତାନ କ୍ରିକେଟ ବୋର୍ଡ କହିଥିଲା ଯେ ଏସବୁ ଆଇସିସିର ନିର୍ଦ୍ଦେଶରେ ଘଟୁଛି। କିନ୍ତୁ ଏବେ ପାକିସ୍ତାନର କରାଚୀ ଷ୍ଟାଡିୟମରେ କିମ୍ବା ପାକିସ୍ତାନର ଛାତିରେ ତ୍ରିରଙ୍ଗା ପତାକା ଉଡ଼ାଯାଇଛି। ତେବେ ଏହି ଖବର ଚାମ୍ପିୟନ୍ସ ଟ୍ରଫି ଆୟୋଜନ ସହିତ ଜଡ଼ିତ ରହିଛି। ୨୩ ବର୍ଷ ପରେ ପାକିସ୍ତାନକୁ କୌଣସି ଆସଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ମିଳିଛି ଯାହା ଆଧାରରେ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ୍ ଆୟୋଜନର ଅଧିକାର ପାକିସ୍ତାନକୁ ମିଳିଛି। କିନ୍ତୁ ବିସିସିଆଇ ସୀମା ଏବଂ ସୁରକ୍ଷା କାରଣରୁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଏହାପରେ ପିସିବିର ଇଚ୍ଛା ନ ଥାଇ ମଧ୍ୟ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ୍ ମଡେଲରେ ଆୟୋଜନ କରିବାକୁ ପଡ଼ିଥିଲା ଯାହାଦ୍ୱାରା ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

# ଚାମ୍ପିଅନ୍ସ ଟ୍ରଫି-୨୦୨୫ : ପ୍ରଥମ ମ୍ୟାଚ୍‌ରେ ହାରିଲା ପାକିସ୍ତାନ୍

**ନୂଆଦିଲ୍ଲୀ**

ପାକିସ୍ତାନର କରାଚୀସ୍ଥିତ ନ୍ୟାସନାଲ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଆୟୋଜିତ ଚାମ୍ପିଅନ୍ସ ଟ୍ରଫି-୨୦୨୫ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଶକ୍ତି ପ୍ରଦର୍ଶନ କରି ଆୟୋଜକ ପାକିସ୍ତାନକୁ ଚିତ୍‌ପଟାଙ୍ଗ୍ କରିଛି। ୩୨୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୪୭.୨ ଓଭରରେ ଅଲ୍‌ଆଉଟ ହୋଇଛନ୍ତି। ପାକିସ୍ତାନ ଦଳ ୨୬୦ ରନ୍ ସଂଗ୍ରହ କରିବା ସହିତ ଏହି ମ୍ୟାଚ୍‌ରେ ୬୦ ରନ୍‌ରେ ହାରିଯାଇଛି।

ପାକିସ୍ତାନ ତରଫରୁ ସୈଦ ସକିଲ ୬ରନ୍, ବାବର ଆଜମ ୬୪ ରନ୍, ଅଧିନାୟକ ମହମ୍ମଦ ରିଜୱାନ ୩ ରନ୍, ଫକର ଜମାନ ୨୪ ରନ୍, ସଲମାନ ଆଘା ୪୨ ରନ୍, ତୟାବ ତାହିର ୧ ରନ୍ ସଂଗ୍ରହ କରିଥିଲେ। ଖୁସଦିଲ୍ ଶାହ ୬୯ ରନ୍, ସାହିନ ସାହ ଆଫ୍ରିଦି ୧୪ ରନ୍, ନସିମ ଶାହ




୧୩ ରନ୍ ଓ ହାରିସ ରୈଫ୍ ୧ ରନ୍ ସଂଗ୍ରହ କରିଥିଲେ। ଅନ୍ୟପଟରେ ନ୍ୟୁଜିଲାଣ୍ଡ ତରଫରୁ ୱିଲ୍ ଓ'ରୁର୍କି ଓ ଅଧିନାୟକ ମିଚେଲ ସାଣ୍ଟନର ୩-୩ ୱିକେଟ୍ ନେଇଥିଲେ। ମାଟ୍ ହେନରିଙ୍କ ହାତରେ ୨ ଜଣ ଖେଳାଳି ଆଟଉ୍ ହୋଇଥିଲା ବେଳେ ମାଇକେଲ ବ୍ରେସ୍‌ୱେଲ ଓ ନାଥନ ସ୍ମିଥ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଘରୋଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ ନ୍ୟୁଜିଲାଣ୍ଡ ବ୍ୟାଟିଂ କରିଥିଲା। କିୱି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୫ୱିକେଟ୍ ହରାଇ ୩୨୦ ରନ୍ ସଂଗ୍ରହ କରିଥିଲା।

ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ଦୁଇଟି ବଡ଼ ଝଟ୍‌କା ଲାଗିଥିଲେ ବି ପରବର୍ତ୍ତୀ ସମୟରେ ଦଳର ପ୍ରାରମ୍ଭିକ ବ୍ୟାଟର ୱିଲ୍ ୟଙ୍ଗ (୧୦୭ ରନ୍, ୧୧୩ ବଲ୍, ୧୨ ଚୌକା ଓ ୧ ଛକା) ଓ ମଧ୍ୟକ୍ରମର ବ୍ୟାଟର ଟମ୍ ଲାଥମ ଉପସ୍ଥିତ ବୁଦ୍ଧି ଲଗାଇ ଦଳର ସ୍କୋର ଆଗକୁ ବଢ଼ାଇଥିଲେ। ଉଭୟ ଖେଳାଳି ଚତୁର୍ଥ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ (୧୧୮ ରନ୍) କରିପାରିଥିଲେ। ଏଥି ସହିତ ୱିଲ୍ ୟଙ୍ଗ ନିଜେ ବ୍ୟକ୍ତିଗତ ଭାବେ ଶତକ ହାସଲ କରିଥିବା ବେଳେ ଟମ୍ ଲାଥମ ମଧ୍ୟ ଶତକ (୧୧୮ ରନ୍, ୧୦୪ ବଲ୍, ୧୦ ଚୌକା ଓ ୩ଛକା) ମାରିଥିଲେ। ଗ୍ଲେନ୍ ଫିଲିପ୍ସ ୬୧ ରନ୍ ସଂଗ୍ରହ କରି ପାକିସ୍ତାନର ପଞ୍ଚମ ଶିକାର ହୋଇଥିଲେ। ସେ ୩୯ଟି ବଲ୍ ଖେଳି ୩ଟି ଚୌକା ଓ ୪ଟି ଛକା ମାରିଥିଲେ।

ନ୍ୟୁଜିଲାଣ୍ଡ ୩୯ ରନ୍‌ରେ ତା'ର ପ୍ରଥମ ୱିକେଟ୍ ଭାବେ ଡେଭନ କନୱେ (୧୦) ଓ ୪୦ ରନ୍‌ରେ ଦ୍ୱିତୀୟ ୱିକେଟ୍ ଭାବେ ବିସ୍ଫୋରକ ବ୍ୟାଟର କେନ୍ ୱିଲିୟମ୍‌ସନ୍ (୧)ଙ୍କୁ ହରାଇଥିଲା। ପାକିସ୍ତାନର ତୃତୀୟ ଶିକାର ହୋଇଥିଲେ ଡାରିଲ ମିଚେଲ (୧୦)। ଏହି ସମୟରେ ଅତିଥି ଦଳର ସ୍କୋର ୭୩ ରନ୍‌ରେ ପହଞ୍ଚି ଥିଲା। ନ୍ୟୁଜିଲାଣ୍ଡ ସ୍କୋର ୧୯୧ ରନ୍‌ରେ ଚତୁର୍ଥ ୱିକେଟ୍ ଭାବେ ୱିଲ୍ ୟଙ୍ଗ୍‌ଙ୍କୁ ହରାଇଥିଲା। ପାକିସ୍ତାନ ତରଫରୁ ନସିମ ଶାହ ଓ ହାରିସ ରୈଫ୍ ୨-୨ ୱିକେଟ୍ ନେଇଥିଲା ବେଳେ ଅବ୍ରାର ଅହମଦଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ୨୩ରେ ଇଣ୍ଡିଆ ପାକିସ୍ତାନ ଟକ୍କର
## ପାକିସ୍ତାନକୁ ହାଲୁକା ଭାବେ ନେବାକୁ ଚାହୁଁନାହାନ୍ତି କୋହଲି




**ଦୁବାଇ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସବୁଠାରୁ ବଡ଼ ମ୍ୟାଚ୍ ୨୩ ଫେବୃଆରୀରେ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତ ଏବଂ ପାକିସ୍ତାନ ଦଳ ପରସ୍ପର ସହ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ପ୍ରତ୍ୟେକ କ୍ରିକେଟ ପ୍ରେମୀ ଏହି ମ୍ୟାଚ୍‌କୁ ଅପେକ୍ଷା କରିଛନ୍ତି। ଏହାକୁ କ୍ରିକେଟର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱିତା ବୋଲି ବିବେଚନା କରାଯାଇଥାଏ। କାରଣ ଉଭୟ ଦଳ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ଏସିଆ କପ୍‌ରେ ପରସ୍ପର ସହିତ ମୁକାବିଲା କରନ୍ତି। ଏପରି ପରିସ୍ଥିତିରେ ଉଭୟ ଦଳର ଖେଳାଳିଙ୍କ ଉପରେ ବହୁତ ଚାପ ରହିଛି। ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ମଧ୍ୟ ଏହି ମ୍ୟାଚ୍ ଉପରେ ଏକ ବଡ଼ ବୟାନ ଦେଇଛନ୍ତି।

ଯଦିଓ ଆଇସିସି ମ୍ୟାଚ୍ ଗୁଡ଼ିକରେ ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଭଲ, ତଥାପି ବିରାଟ କୋହଲି ପାକିସ୍ତାନ ଦଳକୁ ଆଦୌ ହାଲୁକା ଭାବରେ ନେବାକୁ ଚାହାନ୍ତି ନାହିଁ। ଷ୍ଟାର ସ୍ପୋର୍ଟସରେ ଭାରତ-ପାକିସ୍ତାନ ମ୍ୟାଚ୍ ବିଷୟରେ କୋହଲି କହିଛନ୍ତି ଯେ ପାକିସ୍ତାନ ଏକ ଶକ୍ତିଶାଳୀ ଦଳ। ଏଥର ତାଙ୍କର କୌଣସି ଆଘାତ ସମସ୍ୟା ନାହିଁ। ସମସ୍ତ ଖେଳାଳି ଫିଟ୍ ଅଛନ୍ତି। ଏବେ ପାକିସ୍ତାନ ଦଳ ଭଲ ଖେଳୁଛନ୍ତି। ସେମାନେ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆରେ ମ୍ୟାଚ୍ ଜିତିଛନ୍ତି ଏବଂ ଘରୋଇ ପରିବେଶରେ ମଧ୍ୟ ବହୁତ ଭଲ ପ୍ରଦର୍ଶନ କରିଛନ୍ତି।

କହିରଖୁଛୁ ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶେଷ ମ୍ୟାଚ୍ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଖେଳାଯାଇଥିଲା। ସେହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା। ସେହିପରି ଓଡିଆଇ ଫର୍ମାଟ୍‌ରେ ଏହି ଦୁଇ ଦଳ ମଧ୍ୟରେ ଶେଷ ମୁକାବିଲା ୨୦୨୩ ଓଡିଆଇ ବିଶ୍ୱକପ ସମୟରେ ହୋଇଥିଲା। ସେତେବେଳେ ଭାରତୀୟ ଦଳ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିଲା। କିନ୍ତୁ ନିକଟ ଅତୀତରେ ଖେଳାଳିଙ୍କ ଆଘାତ ଯୋଗୁ ପାକିସ୍ତାନ ଦଳ ସମସ୍ୟାର ସମ୍ମୁଖୀନ ହୋଇଛି। କିନ୍ତୁ ଏଥର ସେମାନଙ୍କର ସମସ୍ତ ବଡ଼ ଖେଳାଳିମାନେ ମଇଦାନକୁ ଓହ୍ଲାଇବେ।

ଯଦି ଆମେ ଚାମ୍ପିଅନ୍ସ ଟ୍ରଫି ବିଷୟରେ କଥା ହେବା, ତେବେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୫ଟି ମ୍ୟାଚ୍ ଖେଳାଯାଇଛି ଯେଉଁଥିରେ ପାକିସ୍ତାନ ୩ ଥର ଜିତିଛି। ସେହିଭଳି ଭାରତ କେବଳ ୨ ଥର ଜିତିପାରିଛି। ଏପରି ପରିସ୍ଥିତିରେ, ଏଠାରେ ପାକିସ୍ତାନର ପ୍ରଭାବ ଅଧିକ ଥିବା ପରି ମନେ ହେଉଛି। ସେହି ସମୟରେ ଚାମ୍ପିଅନ୍ସ ଟ୍ରଫିରେ ଦୁଇ ଦଳ ମଧ୍ୟରେ ଶେଷ ମୁକାବିଲା ୨୦୧୭ରେ ଖେଳାଯାଇଥିଲା। ତା'ପରେ ପାକିସ୍ତାନ ଦଳ ଭାରତକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିଥିଲା।

# ବାବରଙ୍କୁ ପଛରେ ପକାଇ ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍ ହେଲେ ଶୁବମନ ଗିଲ୍

**ନୂଆଦିଲ୍ଲୀ**

ବୁଧବାରଠାରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇଛି। ଏହା ପୂର୍ବରୁ ଦିନିକିଆ ର୍‍ୟାଙ୍କିଂ ପ୍ରକାଶ କରିଛି। ଭାରତର ଷ୍ଟାର ବ୍ୟାଟ୍‌ସମ୍ୟାନ ଏବଂ ଉପ-ଅଧିନାୟକ ଶୁଭମନ ଗିଲ୍ ବିଶ୍ୱର ୧ ନମ୍ବର ଦିନିକିଆ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ସେ ବାବର ଆଜମଙ୍କୁ ପଛରେ ପକାଇ ଦେଇଛନ୍ତି। ଦିନିକିଆର ଶ୍ରେଷ୍ଠ ୧୦ ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରେ ଚାରି ଜଣ ଭାରତୀୟ ଖେଳାଳି ଅଛନ୍ତି। ଗିଲଙ୍କ ବ୍ୟତୀତ ରୋହିତ ଶର୍ମା ତୃତୀୟ ସ୍ଥାନରେ, ବିରାଟ କୋହଲି ଷଷ୍ଠ ସ୍ଥାନରେ ଏବଂ ଶ୍ରେୟସ ଆୟର ନବମ ସ୍ଥାନରେ ଅଛନ୍ତି।

ବାବର ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଗିଲଙ୍କ ରେଟିଂ ୭୯୬ ଥିବାବେଳେ ବାବରଙ୍କ ରେଟିଂ ୭୭୩ ରୋହିତଙ୍କ ରେଟିଂ ପଏଣ୍ଟ ହେଉଛି ୭୬୧। ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ୭୫୬ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ୭୪୦ ରେଟିଂ ପଏଣ୍ଟ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି।

୨୫ ବର୍ଷୀୟ ଗିଲ ସମ୍ପ୍ରତି ବହୁତ ଭଲ ଫର୍ମରେ ଅଛନ୍ତି। ସେ ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ତିନୋଟି ମ୍ୟାଚ୍‌ରେ ୮୬.୩୩ ହାରରେ ଏବଂ ୧୦୩.୬୦ ଷ୍ଟ୍ରାଇକ ରେଟ୍‌ରେ ୨୫୯ ରନ କରିଥିଲେ। ଶ୍ରେୟସ ମଧ୍ୟ ବହୁତ ଭଲ ଫର୍ମରେ ଥିଲେ। ସେ ତିନୋଟି ମ୍ୟାଚ୍‌ରେ ୬୦.୩୩ ହାରରେ ଏବଂ ୧୨୩.୧୩ ଷ୍ଟ୍ରାଇକ ରେଟ୍‌ରେ ୧୮୧ ରନ କରିଥିଲେ। ରୋହିତ ମଧ୍ୟ ଶତକ ହାସଲ କରିଥିଲେ ଏବଂ ତେଣୁ ତୃତୀୟ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ।

ବୋଲରମାନଙ୍କ ମଧ୍ୟରେ ଜଣେ ନୂତନ ଖେଳାଳି ମଧ୍ୟ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ମହେଶ ତିକ୍ଷଣା ନୂତନ ନମ୍ବର-୧ ଦିନିକିଆ ବୋଲର ହୋଇଛନ୍ତି। ତାଙ୍କର ୬୮୦ ରେଟିଂ ପଏଣ୍ଟ ଅଛି। ତିକ୍ଷଣା ଆଫଗାନିସ୍ତାନର ରସିଦ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି। ରସିଦ ୬୬୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ନାମ୍ବିଆର ବର୍ଣ୍ଣାର୍ଡ ସ୍କଲଜ ୬୬୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି। ସେହି ସମୟରେ, ଭାରତର କୁଲଦୀପ ଯାଦବ ଗୋଟିଏ ସ୍ଥାନ ଉନ୍ନତି କରି ୬୫୨ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ବ୍ୟତୀତ ଶ୍ରେଷ୍ଠ ୧୦ରେ ମହମ୍ମଦ ସିରାଜ ଅଛନ୍ତି। ସେ ୧୦ମ ସ୍ଥାନରେ ଅଛନ୍ତି। ପାକିସ୍ତାନର ଶାହିନ ଆଫ୍ରିଦି ଗୋଟିଏ ସ୍ଥାନ ଖସି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆ ଅଲରାଉଣ୍ଡରଙ୍କ ମଧ୍ୟରେ ଆଫଗାନିସ୍ତାନର ମହମ୍ମଦ ନବି ପ୍ରଥମ ସ୍ଥାନରେ, ଜିମ୍ବାରେ ସିକନ୍ଦର ରାଜା ଦ୍ୱିତୀୟରେ, ଆଫଗାନିସ୍ତାନର ଆଜମାତୁଲ୍ଲା ଜାଜାଇ ତୃତୀୟରେ, ବାଂଲାଦେଶର ମେହେଦି ହାସନ ମିରାଜ ଚତୁର୍ଥରେ ଏବଂ ଆଫଗାନିସ୍ତାନର ରସିଦ ଖାନ ପଞ୍ଚମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଖେଳାଳି ହେଉଛନ୍ତି। ରବିନ୍ଦ୍ର ଜାଡ଼େଜା ସେ ଦଶମ ସ୍ଥାନ ଅଧିକାର କରିଛନ୍ତି।

# ହ୍ୟାକ୍ ହେଲା ମହମ୍ମଦ କୈଫଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ



**ନୂଆଦିଲ୍ଲୀ**

ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ମହମ୍ମଦ କୈଫ ବଡ଼ ଅଡୁଆରେ ଫସି ଯାଇଛନ୍ତି। ତାଙ୍କର ହ୍ୱାଟ୍ସଆପ୍ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ପ୍ରଶଂସକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହା ବ୍ୟତୀତ ସେ ଏକ ଅପିଲ ମଧ୍ୟ କରିଛନ୍ତି। ମହମ୍ମଦ କୈଫ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ନମସ୍କାର, ମୋର ହ୍ୱାଟ୍ସଆପ୍ ହ୍ୟାକ୍ ହୋଇଯାଇଛି। ଆପଣଙ୍କୁ ଅନୁରୋଧ କରୁଛି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ଶେୟାର କରନ୍ତୁ ନାହିଁ ଏବଂ କାହାକୁ ବିଶ୍ୱାସ କରନ୍ତୁ ନାହିଁ। ମୋ ହ୍ୱାଟ୍ସଆପ୍‌ରୁ ଭୁଲ ସୂଚନା ଯାଉଛି ଧନ୍ୟବାଦ। ପ୍ରତିଦିନ କୋଟି କୋଟି ବ୍ୟବହାରକାରୀ ଏହି ଆପ୍‌ରେ ସକ୍ରିୟ ରହୁଛନ୍ତି। ଏହି କାରଣରୁ ହ୍ୟାକର୍ସମାନେ ଏହି ଆପକୁ ନିଜର ନୂଆ ଠିକଣା କରିନେଇଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ, ଏହା ପୂର୍ବରୁ ମଧ୍ୟ ଅନେକ ବଡ଼ ଖେଳାଳିଙ୍କୁ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। କିନ୍ତୁ ଏଥର ମହମ୍ମଦ କୈଫ ଅସୁବିଧାରେ ପଡ଼ିଛନ୍ତି।

# ଭୁବନେଶ୍ୱରକୁ ୫-୦ ଗୋଲ୍‌ରେ ହରାଇ କଟକ ମା' ମଙ୍ଗଳା କ୍ଲବ୍ ଦଳ ଫାଇନାଲରେ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୧୬ତମ ରାମଧୁନ କପ୍ ସର୍ବ ଭାରତୀୟ ଫୁଟବଲ ଚାମ୍ପିୟନସିପ୍-୨୦୨୫ ଗାନ୍ଧୀ ଷ୍ଟାଡିୟମ ସୁବର୍ଣ୍ଣପୁର ଠାରେ ବୁଧବାର ପୁଲ ଏ'ର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଓ କଟକ ମା' ମଙ୍ଗଳା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜଗା ୟୁନାଇଟେଡ୍ ଦଳକୁ ୫-୦ ଗୋଲ୍ ହରାଇ କଟକ ମା' ମଙ୍ଗଳା କ୍ଲବ୍ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି ବିରେନ୍ଦ୍ର କୁମାର ନାଏକ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶ୍ରମ କମିଶନର ଡିଲେଶ୍ୱର ଖାଖା ଯୋଗ ଦେଇ ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବରେ ଯୁବ ସଂଗଠକ ତଥା ସମାଜସେବୀ ଅରବିନ୍ଦ ବାରିକ, ପୋଲିସ କନଷ୍ଟେବଲ ସଂଘ ସଭାପତି ଦିନେଶ ମିଶ୍ର, ଯୁବ ନେତା ଅମିୟ ରଞ୍ଜନ ଦାଶ, ମାର୍ଚେଣ୍ଟ ଆସୋସିଏସନ୍ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସଂପାଦକ ଗୁଣନିଧି ମେହେର, ଭୁବନେଶ୍ୱର ଜଗା ୟୁନାଇଟେଡ ଦଳର ଫ୍ରାଞ୍ଚାଇଜ୍ ବଗଳା ଜ୍ୱେଲର୍ସ ପ୍ରୋପାଇଟର ରୁପେଶ ଅଗ୍ରୱାଲା, କଟକ ଦଳର ଫ୍ରାଞ୍ଚାଇଜ୍ ନାଇସେଟ କମ୍ପ୍ୟୁଟର ଡାଇରେକ୍ଟର ରମଣ ପଧାନ, ଭେଟରାନ ଫୁଟବଲ୍ ଖେଳାଳି ପଞ୍ଚାନନ ସାହୁ, ଗଣେଶ ରାମ ମେହେର, ନରସିଂହ ରାଓ, ପବିତ୍ର ଖପର୍ଦ୍ଧାଜ ଯୋଗ ଦେଇ ଖେଳାଳି ଓ ଆୟୋଜକ କମିଟିଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ମୁଖ୍ୟ ରେଫରୀ ଭାବେ ଦିଲ୍ଲୀପ ରାଉତ ଖେଳ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଥନାପତି, ସୁବ୍ରତ ପୁରୋହିତ ଲାଇନ୍ସ ମ୍ୟାନ ଓ ଫୋର୍ଥ ଅଫିସିଆଲ୍ ଭାବେ ସଂଜନ ପୁରୋହିତ ସହଯୋଗ କରିଥିଲେ। ପ୍ରବୁଦ୍ଧଉ କୁମ୍ଭାର୍ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ କଟକ ଦଳ ର ୧୮ ନମ୍ବର୍ ଖେଳାଳି ବାପୁନି ବିନ୍ଧାଣି ଙ୍କୁ ପୁରସ୍କୃତ କରା ଯାଇଛି। କ୍ଲବ୍ ସଂପାଦକ ପୀୟୂଷ ପଣ୍ଡାଙ୍କ ତାତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଅତିଥି ସ୍ୱାଗତ କରି ଧନ୍ୟବାଦ୍ ଅର୍ପଣ କରିଥିଲେ। ହଜାର ଦର୍ଶକ ଖେଳ କୁ ଉପଭୋଗ କରିଥିବା ବେଳେ ସୁବର୍ଣ୍ଣପୁରର ସମସ୍ତ ଫୁଟବଲ ପ୍ରେମୀ ଓ ରାମଧୁନ କ୍ଲବ ମଝିପଡ଼ାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୨୩ରୁ ରାଜ୍ୟସ୍ତରୀୟ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ମହିଳା କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର କରିଥିବା ବଲାଙ୍ଗୀର ଏ ଦିଗରେ ଆଉ ଏକ ପାଦ ଆଗେଇଛି। ଆସନ୍ତା ଫେବୃୟାରୀ ୨୩ ଓ ୨୪ ଦୁଇଦିନ ଧରି ଗାନ୍ଧି ଷ୍ଟାଡ଼ିୟମରେ ଓଡ଼ିଶାର ବହୁ ଶ୍ରେଷ୍ଠ ମହିଳା କ୍ରିକେଟର ଏକାଠି ହେବେ। ସ୍ଥାନୀୟ ଅଗ୍ରଣୀ ମହିଳା ସଂଗଠନ ନାରୀଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଦୁଇଦିନ ଧରି ଏକ ରାଜ୍ୟସ୍ତରୀୟ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଥିରେ ଆୟୋଜକ ବଲାଙ୍ଗୀର ଏକାଦଶ, ଭୁବନେଶ୍ୱରର ଦୁଇଟି ଦଳ ଓ ରାଉରକେଲାର ଗୋଟିଏ ଦଳ ଭାଗ ନେବେ। ଉଭୟ ଦିନ ସକାଳ ୯ଟାରୁ ଆରମ୍ଭ ହେବାକୁ ଥିବା ଏହି ଦିବସବ୍ୟାପୀ ନକ୍-ଆଉଟ ଟୁର୍ଣ୍ଣାମେଣ୍ଟ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବା ଆଶା କରାଯାଉଛି। ବିଜେତା, ଉପବିଜେତା, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର ଆଦି ବିଭିନ୍ନ ଆକର୍ଷଣୀୟ ପୁରସ୍କାର ରହିଥିବା ନେଇ ଫାଉଣ୍ଡେସନର ସଂପାଦିକା ନୂତନ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ, ବିଶେଷ କରି ମହିଳା କ୍ରିକେଟରେ ବଲାଙ୍ଗୀରର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ପ୍ରଥମ ଦୁଇଜଣ ମହିଳା କ୍ରିକେଟର ଭାବେ ମାଧୁରୀ ମେହେଟ୍ଟା ଓ ପରେପରେ ରୋସନାରା ପରିନ ଅତୀତରେ ଏକାଧିକ ଥର ଜାତୀୟ ସିନିୟର କ୍ରିକେଟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସରିତା ମେହେର ପୂର୍ବାଞ୍ଚଳ ସିନିୟର ଜୋନାଲ ଦଳର ପ୍ରତିନିଧିତ୍ୱ କରିଛନ୍ତି। ମାଧୁରୀ ମଧ୍ୟ କିଛିକାଳ ରାଜ୍ୟ ଦଳର ଅଧିନାୟିକା ରହିବା ସହ ଦେଶର ଅନ୍ୟତମ ପ୍ରମୁଖ ବ୍ୟାଟର ଭାବେ ଘରୋଇ କ୍ରିକେଟ ଋତୁରେ କ୍ରମାଗତ ସର୍ବାଧିକ ରନ୍-ସ୍କୋରର ତାଲିକାର ଶୀର୍ଷସ୍ଥାନମାନଙ୍କରେ ରହିଆସୁଛନ୍ତି। ଗତ ପ୍ରାୟ ଦେଢ଼ଦଶନ୍ଧି ଧରି ଓଡ଼ିଶା ସିନିୟର ଏକାଦଶରେ ବଲାଙ୍ଗୀର ଦଳର ୫-୬ ଜଣ ଖେଳାଳି ନିୟମିତ ସ୍ଥାନ ପାଇଆସୁଛନ୍ତି। ବଲାଙ୍ଗୀର ମଧ୍ୟ ଅନ୍ତଃଜିଲ୍ଲା ସିନିୟର ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଡିଫେଣ୍ଡିଙ୍ଗ ଚାମ୍ପିଅନ ବିଭିନ୍ନ କନିଷ୍ଠ ବର୍ଗରେ ମଧ୍ୟ ବହୁ ସଂଖ୍ୟାରେ ବାଳିକାମାନେ ଉତ୍ତମ ପ୍ରଦର୍ଶନ କରିଆସୁଥିବାରୁ ଆଗକୁ ମଧ୍ୟ ମହିଳା କ୍ରିକେଟରେ ବଲାଙ୍ଗୀରର ପ୍ରାଧାନ୍ୟ ଅବ୍ୟାହତ ରହିବା ନେଇ ଡିଏଏ ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ଓ ମହିଳା କ୍ରିକେଟ ପ୍ରଶିକ୍ଷକ ଅରୁଣ ନାଏକ ଆଶାପ୍ରକାଶ କରିଛନ୍ତି। ବଲାଙ୍ଗୀର ମହିଳା କ୍ରିକେଟର ଏହି ଉଜ୍ଜଳ ପରମ୍ପରାକୁ ଅକ୍ଷୁଣ୍ଣ ରବା ପାଇଁ କ୍ରିକେଟପ୍ରେମୀମାନେ ବହୁସଂଖ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ଦେବାକୁ ଉଭୟ ଦିନ ଷ୍ଟାଡିୟମ ଆସନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି।

# ପାକିସ୍ତାନରେ କୋଟି କୋଟି ଟଙ୍କାର କ୍ୟାମେରା ଲଗାଇଛି ଆଇସିସି

**ଇସଲାମାବାଦ**

୮ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫି ଫେରିଛି। ପାକିସ୍ତାନ ଏବଂ ଦୁବାଇରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆଇସିସି କୌଣସି ତ୍ରୁଟି ରଖିବାକୁ ଚାହୁଁନାହିଁ। ସେଥିପାଇଁ ସେ ପ୍ରତ୍ୟେକ ଛୋଟ ଜିନିଷ ପାଇଁ ଜବରଦସ୍ତ ପ୍ରସ୍ତୁତି କରିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଇସିସି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାକିସ୍ତାନ ଏବଂ ଦୁବାଇର ଷ୍ଟାଡିୟମରେ ଅତି କମ୍‌ରେ ୩୬ ସ୍ୱତନ୍ତ୍ର କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ଏହା ଦ୍ୱାରା ପ୍ରତ୍ୟେକ ଖେଳାଳି ଏବଂ ତାଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇପାରିବ। ଏହି କ୍ୟାମେରାଗୁଡ଼ିକ ସୁରକ୍ଷା ପାଇଁ ନୁହେଁ ବରଂ କ୍ରୀଡ଼ା କଭରେଜ୍ ପାଇଁ ନିୟୋଜିତ କରାଯାଇଛି। ପ୍ରଶଂସକଙ୍କ ମ୍ୟାଚ୍ ଦେଖିବା ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଆଇସିସି ଏହି ପଦକ୍ଷେପ ନେଇଛି।

ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଏବଂ ଦୁବାଇ ସମେତ ୪ଟି ସ୍ଥାନରେ ଖେଳାଯିବ। ଆଇସିସି ତା'ର ପ୍ରସାରଣ ରଣନୀତିର ଅଂଶ ସ୍ୱରୂପ




ପ୍ରତ୍ୟେକ ସ୍ଥାନରେ ଅତି କମ୍‌ରେ ୩୬ କୋଠରି ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଏହାର ବିଶେଷ ବୈଶିଷ୍ଟ୍ୟ ହେବ ଯେ ଏହା ସହିତ ବିଶ୍ଳେଷଣାତ୍ମକ ଏବଂ ଦୃଶ୍ୟ ବୃଦ୍ଧି ଉପକରଣ ମଧ୍ୟ ଉପଲବ୍ଧ ହେବ। ଫଳରେ ପ୍ରଶଂସକମାନେ ଲାଇଭ୍ ମ୍ୟାଚ୍ ସମୟରେ ରିଅଲ୍ ଟାଇମ୍‌ରେ ଦଳଗୁଡ଼ିକର ଫିଲ୍ଡିଂ ସ୍ଥିତି ଏବଂ ରଣନୀତିକୁ ସହଜରେ ବୁଝିପାରିବେ।

ଏହାଛଡ଼ା ଆଇସିସି ପ୍ରତ୍ୟେକ ଷ୍ଟାଡିୟମରେ ଡ୍ରୋନ୍ କ୍ୟାମେରା ନିୟୋଜିତ କରିଛି। ଏଗୁଡ଼ିକ ଆକାଶରୁ ସ୍ଥାନ ଏବଂ ଏହାର ଆଖପାଖର ବସ୍ତୁଗୁଡ଼ିକୁ ଦେଖାଇବ। ରୋଭିଂ ବଗି କ୍ୟାମ୍ ଭୂମି ସ୍ତରର ଦୃଶ୍ୟଗୁଡ଼ିକୁ କଏଦ୍ କରିବ। ସିଗ୍ନେଚର ସ୍ପାଇଡର ପ୍ରତ୍ୟେକ କାର୍ଯ୍ୟକୁ ବିଭିନ୍ନ ଦୃଷ୍ଟିକୋଣରୁ କଭର କରିବ କେବଳ ଏତିକି ନୁହେଁ, ମୋବାଇଲରେ ମ୍ୟାଚ୍ ଦେଖୁଥିବା ଦର୍ଶକଙ୍କ ପାଇଁ ଆଇସିସି ଟିଭି ଜିଓଷ୍ଟାର ସହିତ ସହଭାଗୀ ହୋଇଛି।

ଚାମ୍ପିଅନ୍ସ ଟ୍ରଫି ପାଇଁ ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ସୁରେଶ ରାଇନା, ହରଭଜନ ସିଂହଙ୍କଠାରୁ ଆରମ୍ଭ କରି ଆକାଶ ଚୋପ୍ରା ପ୍ରମୁଖ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାଷ୍ୟକାର କରିବେ। ସେହଭଳି ଦୁଇ ପୂର୍ବତନ ପାକିସ୍ତାନୀ କିମ୍ବଦନ୍ତୀ ୱାହାବ ରିଆଜ ଏବଂ ୱାକାର ୟୁନିସ ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ନଜର ଆସିବେ। ଏମାନଙ୍କ ବ୍ୟତୀତ ଅମ୍ବାତି ରାୟୁଡୁ, ପୀୟୁଷ ଚାୱଲା, ବରୁଣ ଆରୋନ, ସଞ୍ଜୟ ବାଙ୍ଗର, ଦୀପ ଦାସଗୁପ୍ତା, ରବିନ ଉଥାପ୍ପା, ମହମ୍ମଦ କୈଫ, ଜତିନ ସାପ୍ରୁ ଏବଂ ସଞ୍ଜୟ ମାଞ୍ଜରେକର ମଧ୍ୟ ସାମିଲ ଅଛନ୍ତି।

ରମିଜ ରାଜା, ୱାସିମ ଆକ୍ରମ, ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ ଏବଂ ଦିନେଶ କାର୍ତ୍ତିକଙ୍କ ପରି ପୂର୍ବତନ ଭାରତ-ପାକିସ୍ତାନ ଖେଳାଳିମାନେ ଇଂରାଜୀ କମେଣ୍ଟ୍ରି ପ୍ୟାନେଲରେ ପ୍ରଶଂସକଙ୍କ ମନୋରଞ୍ଜନ କରିବେ। ତାଙ୍କ ବ୍ୟତୀତ ଡେଲ ଷ୍ଟେନ, ଇଆନ୍ ବିଶପ, ସାଇମନ୍ ଡଲ, ମାଥ୍ୟୁ ହେଡେନ, ଆରୋନ୍ ଫିଞ୍ଚ, ନାସେର ହୁସେନ୍, ଇଆନ ସ୍ମିଥ, ମାଇକେଲ ଆଥରଟନ୍, ଶନ ପୋଲକ୍, ଇଆନ ୱାର୍ଡ, ଅଥର ଅଲି ଖାନ୍, ମେଲ ଜୋନ୍ସ, କେଟି ମାର୍ଟିନ, ବାଜିଦ ଖାନ, କାସ ନାଇଡୁ ଏବଂ ପମି ମ୍ବାଙ୍ଗୱାଙ୍କୁ ଇଂରାଜୀ କମେଣ୍ଟ୍ରି ପ୍ୟାନେଲରେ ସ୍ଥାନ ଦିଆଯାଇଛି।

# ସର୍ବକାଳୀନ ଶ୍ରେଷ୍ଠ ୫ ବ୍ୟାଟସମ୍ୟାନ ତାଲିକା ଘୋଷଣା କଲେ ସେହ୍ୱାଗ

**ନୂଆଦିଲ୍ଲୀ**

ପୂର୍ବତନ ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଦିନିକିଆ ଫର୍ମାଟର ସର୍ବକାଳୀନ ଶ୍ରେଷ୍ଠ ୫ ବ୍ୟାଟ୍‌ସମ୍ୟାନଙ୍କୁ ଚୟନ କରିଛନ୍ତି। ଆଶା ଅନୁଯାୟୀ, ସେ ଏହି ତାଲିକାରେ ବିରାଟ କୋହଲି, ସଚିନ ତେନ୍ଦୁଲକର, ଏବି ଡିଭିଲିୟର୍ସଙ୍କ ସମେତ ଅନେକ କିମ୍ବଦନ୍ତୀଙ୍କୁ ସ୍ଥାନ ଦେଇଛନ୍ତି। କିନ୍ତୁ ଏହି ଶ୍ରେଷ୍ଠ ୫ ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରେ ସେ ଯେଉଁ ର୍‍ୟାଙ୍କିଂ କରିଛନ୍ତି ତାହା ବହୁତ ଆକର୍ଷଣୀୟ। ତାଙ୍କ ତାଲିକାରେ, ଶ୍ରେଷ୍ଠ ୨ ଖେଳାଳି ଭାରତୀୟ ଥିବା ବେଳେ ବାକି ୩ ଖେଳାଳି ବିଦେଶୀ।

ସେହ୍ୱାଗ ସର୍ବପ୍ରଥମେ ୱେଷ୍ଟଇଣ୍ଡିଜର ପୂର୍ବତନ ଓପନର କ୍ରିସ ଗେଲଙ୍କୁ ନମ୍ବର-୫ରେ ବାଛିଛନ୍ତି। ଗେଲଙ୍କ ବିଷୟରେ ସେହ୍ୱାଗ କହିଛନ୍ତି, ୨୦୦୨-୦୩ରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତରେ ଆସିଥିଲା ଏବଂ କ୍ରିସ୍ ଗେଲ୍ ଛଅ ମ୍ୟାଚ୍ ବିଶିଷ୍ଟ ସିରିଜରେ ତିନୋଟି ଶତକ ହାସଲ କରିଥିଲେ। ଗେଲ୍ ଆମ ବୋଲରମାନଙ୍କୁ ଏତେ ପିଟିଥିଲେ ଯେ ଏହାକୁ ବ୍ୟାଖ୍ୟା କରାଯାଇପାରିବ




ନାହିଁ। ସେ ପ୍ରଥମ ଖେଳାଳି ଯାହାକୁ ମୁଁ ଅନ୍ତର୍ଜାତୀୟ କ୍ରିକେଟରେ ଦେଖିଥିଲି ଯିଏ ପଛ ପାଦରୁ ଛକା ମାରୁଥିଲେ। ପୂର୍ବତନ ଡ୍ୟାସିଂ ଓପନର ମିଷ୍ଟର ୩୬୦ ଭାବରେ ପ୍ରସିଦ୍ଧ ଏବି ଡିଭିଲିୟର୍ସଙ୍କୁ ନମ୍ବର-୪ରେ ସ୍ଥାନ ଦେଇଛନ୍ତି। ଏବିଡିକୁ ବାଛିବା ପଛର କାରଣ ବ୍ୟାଖ୍ୟା କରି ସେହ୍ୱାଗ କହିଛନ୍ତି, ମୁଁ ମଧ୍ୟ ଡିଭିଲିୟର୍ସଙ୍କୁ ଖେଳିବା ପାଇଁ ମୋର ବ୍ୟାଟ ଦେଉଥିଲି। ମୋତେ ଡିଭିଲିୟର୍ସଙ୍କ ୩୬୦ ସଟ୍ ପସନ୍ଦ ଆସିଥିଲା। ତୃତୀୟ ନମ୍ବରରେ ସେ ପାକିସ୍ତାନର ଇଞ୍ଜମାମ ଉଲ ହକଙ୍କୁ ସ୍ଥାନ ଦେଇଛନ୍ତି। ସେହ୍ୱାଗ ତାଙ୍କୁ ଏକଦିବସୀୟ କ୍ରିକେଟରେ ଏସିଆର ସର୍ବଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ବୋଲି କହିଥିଲେ।

ସେହ୍ୱାଗ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକରଙ୍କୁ ଦ୍ୱିତୀୟ ସ୍ଥାନରେ ରଖିଥିଲେ। ସେହ୍ୱାଗ କହିଛନ୍ତି, ସଚିନ ମୋର ଆଦର୍ଶ। ଯଦି ମୁଁ ଏଠାରେ ବସି କ୍ରିକେଟ ବିଷୟରେ କହୁଛି, ତେବେ ଏହା କେବଳ ସଚିନ ତେନ୍ଦୁଲକରଙ୍କ ଯୋଗୁ। ମୁଁ ତାଙ୍କୁ ୧୯୯୨ ବିଶ୍ୱକପ୍‌ରୁ ଦେଖିବା ଆରମ୍ଭ କରିଥିଲି, ସେ ଟିଭିରେ ବ୍ୟାଟିଂ କରୁଥିଲେ ଏବଂ ମୁଁ ବାହାରେ ତାଙ୍କୁ କପି କରୁଥିଲି। ତାଙ୍କ ସହିତ ପଡ଼ିଆରେ ଚାଲିବା ସମୟରେ ଏପରି ଅନୁଭବ ହେଉଥିଲା ଯେପରି ତୁମେ ଜଙ୍ଗଲରେ ସିଂହ ସହିତ ଚାଲୁଛ।

ସେହ୍ୱାଗ କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍‌ସମ୍ୟାନ ବିରାଟ କୋହଲିଙ୍କୁ ପ୍ରଥମ ସ୍ଥାନ ଦେଇଛନ୍ତି। ଆଗାମୀ ସମୟରେ ବିରାଟ କୋହଲିଙ୍କ ପରି ସ୍ଥିର ଖେଳାଳି କ୍ୱଚିତ୍ ହେବେ।

# ୨୦୨୫ କାଉଣ୍ଟି ଚାମ୍ପିଅନସିପ ପାଇଁ ଏସେକ୍ସ ଦଳରେ ଯୋଗ ଦେବେ ଶାର୍ଦ୍ଦୁଳ ଠାକୁର

**ନୂଆଦିଲ୍ଲୀ**

ଭାରତର ଷ୍ଟାର ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ବହୁତ ଦିନ ଧରି ଟିମ୍ ଇଣ୍ଡିଆରୁ ବାହାରେ ଅଛନ୍ତି। ସେ ୧ ବର୍ଷରୁ ଅଧିକ ସମୟ ଧରି କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି। ତଥାପି ସେ ନିରନ୍ତର ଭାବେ ଘରୋଇ କ୍ରିକେଟରେ ଅଂଶଗ୍ରହଣ କରୁଛନ୍ତି। ବର୍ତ୍ତମାନ ସେ ରଣଜୀ ଟ୍ରଫିରେ ମୁମ୍ବାଇ ଦଳ ପାଇଁ ଖେଳୁଛନ୍ତି, ଯେଉଁଠାରେ ତାଙ୍କ ଦଳ ବିଦର୍ଭ ବିପକ୍ଷରେ ଖେଳୁଛି। ଅପରପକ୍ଷେ ଟିମ୍ ଇଣ୍ଡିଆକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଦେଖାଯାଉନାହିଁ। ଏପରି ପରିସ୍ଥିତିରେ ଶାର୍ଦ୍ଦୁଳ ଠାକୁର ଏକ ବଡ଼ ନିଷ୍ପତ୍ତି ନେବେ। ସେ ତାଙ୍କ ମୁମ୍ବାଇ ଦଳର ସାଥୀ ପୃଥ୍ୱୀ ଶ'ଙ୍କ ପଥ ଅନୁସରଣ କରିବାକୁ ଯାଉଥିବା କୁହାଯାଉଛି।

କହିବାକୁ ଗଲେ ପୃଥ୍ୱୀ ଶ' ମଧ୍ୟ ବହୁ ବର୍ଷ ଧରି ଟିମ୍ ଇଣ୍ଡିଆ ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି। ଏପରି ପରିସ୍ଥିତିରେ ଦଳରେ



ପ୍ରତ୍ୟାବର୍ତ୍ତନ ପାଇଁ, ସେ ଇଂଲଣ୍ଡରେ ଖେଳାଯାଇଥିବା କାଉଣ୍ଟି ଚାମ୍ପିଅନସିପ୍‌ରେ ଅନେକ ଥର ଅଂଶଗ୍ରହଣ କରିଛନ୍ତି। ଏବେ ଶାର୍ଦ୍ଦୁଳ ଠାକୁର ମଧ୍ୟ ସମାନ କିଛି କରିବାକୁ ଯାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶାର୍ଦ୍ଦୁଳ ୨୦୨୫ କାଉଣ୍ଟି ଚାମ୍ପିଅନସିପ ପାଇଁ ଏସେକ୍ସ ଦଳର ଅଂଶ ହେବାକୁ ଯାଉଛନ୍ତି। ଟିମ୍ ଇଣ୍ଡିଆ ଜୁନ୍‌ରେ ଇଂଲଣ୍ଡ ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିବ। ଏଣୁ ଶାର୍ଦ୍ଦୁଳ କାଉଣ୍ଟି ଚାମ୍ପିଅନସିପରେ ଭଲ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି।

କହି ରଖୁଛୁ, ଶାର୍ଦ୍ଦୁଳ ଠାକୁର ଏଥର ଆଇପିଏଲର ଅଂଶ ନାହାନ୍ତି। ତାଙ୍କୁ ଆଇପିଏଲ୍ ୨୦୨୫ ପାଇଁ ଚେନ୍ନାଇ ସୁପର କିଙ୍ଗସ୍ ରିଟେନ୍ କରି ନ ଥିଲା ଏବଂ ତା'ପରେ କୌଣସି ଦଳ ତାଙ୍କୁ ଆଇପିଏଲ୍ ୨୦୨୫ ମେଗା ନିଲାମରେ ମଧ୍ୟ କିଣି ନ ଥିଲା। ସେ ନିଲାମରେ ତାଙ୍କର ମୂଳ ମୂଲ୍ୟ ୨ କୋଟି ଟଙ୍କା ରଖିଥିଲେ। ଏପରି ପରିସ୍ଥିତିରେ, ସେ ଆଇପିଏଲ୍ ସମୟରେ ଇଂଲଣ୍ଡ ଯାଇପାରନ୍ତି, ଯେଉଁଠାରେ ସେ କାଉଣ୍ଟି ଚାମ୍ପିଅନସିପରେ ଏସେକ୍ସ ଦଳ ପାଇଁ ଖେଳିବାର ଦେଖାଯିବେ। ଶାର୍ଦ୍ଦୁଳ ଏଯାବତ ଟିମ୍ ଇଣ୍ଡିଆ ପାଇଁ ୧୧ ଟେଷ୍ଟ, ୪୭ ଦିନିକିଆ ଏବଂ ୨୫ ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୨୯ ଉଇକେଟ ନେଇଛନ୍ତି ଏବଂ ୫ଟି ଅର୍ଦ୍ଧଶତକ ସହାୟତାରେ ୭୨୯ ରନ୍ ମଧ୍ୟ କରିଛନ୍ତି। ଶାର୍ଦ୍ଦୁଳ ୨୦୨୩ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଥିଲେ। ସେ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଏବଂ ୨୦୨୩ ଦିନିକିଆ ବିଶ୍ୱକପରେ ମଧ୍ୟ ଭାରତୀୟ ଦଳର ଅଂଶ ଥିଲେ। କିନ୍ତୁ ସେବେଠାରୁ ସେ ଟିମ୍ ଇଣ୍ଡିଆକୁ ଫେରିପାରି ନାହାନ୍ତି।

31 YEARS
ସମ୍ବାଦ ନଳିକା
ଭୁବନେଶ୍ୱର, ୨୦ ଫେବୃୟାରୀ ୨୦୨୫ ଗୁରୁବାର





# ଦ୍ୱିତୀୟ ଦିବସରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁରରେ ପହଞ୍ଚିଲା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଏବଂ ନେତୃତ୍ୱରେ ୩ ଦିନ ଧରି ଚାଲିବାକୁ ଥିବା ସଂକଳ୍ପ ପଦଯାତ୍ରାର ଦ୍ୱିତୀୟ ଦିବସରେ ସକାଳ ୮.୩୦ ଘଟିକା ସମୟରେ ପିପିଲି ଠାରୁ ଆରମ୍ଭ ହୋଇ ମଙ୍ଗଳପୁର ଠାରେ ତେଇଶପୁର ଠାରେ ପହଞ୍ଚିଥିଲା। କଟକ ନଗର, ଗଞ୍ଜାମ ପୂର୍ବ, ଗଞ୍ଜାମ ପଶ୍ଚିମ, ନବରଙ୍ଗପୁର, ସମ୍ବଲପୁର ଓ ପୁରୀର କଂଗ୍ରେସ କର୍ମୀ ଜିଲ୍ଲା ସଭାପତି, ବିଧାୟକ, ବିଧାୟକ ପ୍ରାର୍ଥୀ, ସାଂସଦ ପ୍ରାର୍ଥୀ, ଯୁବ, ଛାତ୍ର, ମହିଳା କଂଗ୍ରେସ, ସେବାଦଳର ନେତୃବୃନ୍ଦ ଓ କର୍ମୀମାନେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ ପିସିସି ସଭାପତି ଶ୍ରୀ ଦାସଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ।

ପିପିଲ ହାଟ ଛକ ଠାରେ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମି ଦିକ୍ଷିତ, ବିଶ୍ୱଭୂଷଣ ହରିଚନ୍ଦନ ମହାପାତ୍ର, ଜ୍ଞାନ ପଟ୍ଟନାୟକ, ମିହିର ଆଚାର୍ଯ୍ୟ ଓ ନିରୁପମା ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ତେଇଶପୁର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ପିସିସି ସଭାପତି ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଂକଳ୍ପ ପଦଯାତ୍ରା କମିଟି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ବିଧାୟକ ରମେଶ ଜେନା, ମନୋରଞ୍ଜନ ତ୍ରିପାଠୀ, ନକୁଳ ନାୟକ, ମନୋଜ ଜେନା, ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମୃତ୍ୟୁଞ୍ଜୟ ନାୟକଙ୍କ ପ୍ରତି ଶୋକ ପ୍ରକାଶ କରିବା ସହ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ପଦଯାତ୍ରା ପଟ୍ଟନାୟିକୀୟା ଛକ ଠାରେ ପହଞ୍ଚିବା ପରେ କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଏବଂ ମିଳନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଛାତ୍ର, ଯୁବ ଓ ମହିଳା କର୍ମୀମାନେ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ।

ପଦଯାତ୍ରା ସନ୍ଧ୍ୟା ୭.୪୦ ମିନିଟରେ ଚନ୍ଦନପୁର ଠାରେ ପହଞ୍ଚିବା ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନେତୃବର୍ଗ ବିଷ୍ଣୁ ପ୍ରସାଦ ମିଶ୍ର, ଜଲଶ୍ରୀ ପାତ୍ର, ସସ୍ମିତା ବେହେରା, ଅବିନାଶ ମିଶ୍ର, ଦାମୋଦର ପ୍ରଧାନ, ଦାମୋଦର ମହାପାତ୍ର, ହରପ୍ରସାଦ ଜେନା, ଶିବ ପ୍ରସାଦ ବେହେରା, ରାଜେଶ ମିଶ୍ର, ବ୍ରଜରାଜ ବେହେରା, ଅରକ୍ଷିତ ବାରିକ, ମନୋଜ ମହାପାତ୍ର, ସରସ୍ୱତୀ ପାତ୍ର, କିଶାନ କୁମାର ମେକାପ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ଦାସଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ତେଇଶପୁର ଠାରୁ ଚନ୍ଦନପୁର ଅଭିମୁଖେ ଯାତ୍ରା। ସମୟରେ ସତ୍ୟବାଦୀ କଲେଜ ଛକଠାରେ ମନୋଜ ରଥ ଶତାଧିକ କଂଗ୍ରେସ କର୍ମୀ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ବିଶାଳ ପଦଯାତ୍ରା ସଂକଳ୍ପ ପଦଯାତ୍ରା ପାଇଁ କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ପଦଯାତ୍ରା ସମୟରେ ପିସିସି ସଭାପତି ଶ୍ରୀ ଦାସ ବିଭିନ୍ନ ବର୍ଗର ଲୋକ ମାନଙ୍କ ସହିତ କଥା ହୋଇ ତାଙ୍କର ଦୁଃଖ ସୁଖରେ ଛିଡ଼ା ହେବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

ଗୁରୁବାର ସକାଳ ୮.୩୦ ମିନିଟ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ବାହାରିବ। ଅପରାହ୍ନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ ନେତୃବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିବା ପରେ ବଡଦାଣ୍ଡ ଠାରେ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କଂଗ୍ରେସ ନେତା ତଥା ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜିଠାରୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବା ସହ କହିଛନ୍ତି, "ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ । ଏହା ଆମ ଅସ୍ମିତାର ନିଦର୍ଶନ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ ।"

ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ୍ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ସ୍ଥାନ । ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ ।"

ସୂଚନାଯୋଗ୍ୟ, ଗୋଟିଏ ସ୍ଥାନରେ ବୟନକଳାକୁ ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏହାର ପ୍ରାୟୋଜକ ଥିବା ବେଳେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା) ହେଉଛି ଏହାର ଆୟୋଜକ । ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ମେଳା ୧ ଅପ୍ରେଲ୍ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧.୩୦ ରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି। ଚଳିତଥର ମୋଟ୍ ୨୨୫ଟି ଷ୍ଟଲ୍ ଖୋଲାଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେବ । ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ପାଲଟିବ କରୁଣା ରେସମ ବସ୍ତ୍ର । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜମ୍ମୁ କଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗ୍‌ବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ।

ଚଳିତ ମେଳାରେ ୧୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବୟନିକା ଆଶା ରଖିଛି । ଉଦ୍‌ଘାଟନୀ ସଂଧ୍ୟାରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ମେଳାରେ ବହୁ ସଂଖ୍ୟାରେ ଗ୍ରାହକମାନେ ଆସି ହସ୍ତତନ୍ତ ବସ୍ତ୍ର କ୍ରୟ କରିବା ସହ ବୁଣାକାରଙ୍କୁ ଉତ୍ସାହିତ କରିବା ପାଇଁ ବୟନିକା ପକ୍ଷରୁ ନିବେଦନ କରାଯାଇଛି ।

# ୧୧ ଲକ୍ଷ ୭୨ ହଜାର ଟଙ୍କା ହେରଫେର ମାମଲାରେ ସରପଞ୍ଚ ନିଲମ୍ବିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଲୋଭୀ ସରପଞ୍ଚଙ୍କୁ ପାନେ ମିଳିଛି। ଯେଉଁ ଘଟଣାକୁ କେହି ଜାଣିପାରିବେନି ବୋଲି ଏକଦା ଭାବିଥିଲେ, ପରବର୍ତ୍ତୀ ସମୟରେ ତାହା ପଦାରେ ପଡ଼ିଛି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଗ୍ରାମ ନନ୍ଦିପୁର ସରପଞ୍ଚ ସଂଯୁକ୍ତା ମହାନ୍ତି ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ୧୧ ଲକ୍ଷ ୭୨ ହଜାର ୫ଶହ ଟଙ୍କା ହେରଫେର ମାମଲାରେ ଶ୍ରୀମତୀ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ୨୦୧୨-୨୦୧୭ ମସିହାରେ ସରପଞ୍ଚ ଥିବା ସମୟରେ ସେ ଏହି ଅର୍ଥ ହେରଫେର କରିଥିଲେ। ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା, ମନରେଗା ଯୋଜନାର ଅର୍ଥକୁ ନିଜ ସ୍ୱାମୀ ପ୍ରଦୀପ କୁମାର ମହାନ୍ତିଙ୍କ ଆକାଉଣ୍ଟକୁ ନେଇ ଆତ୍ମସାତ ହୋଇଥିବାର ଅଭିଯୋଗ ହୋଇଥିଲା।

ସଂଯୁକ୍ତ ମହାନ୍ତି ୨୦୧୨ରୁ ୨୦୧୭ ପ୍ରଥମ ଥର ନନ୍ଦୀପୁର ପଞ୍ଚାୟତର ସରପଞ୍ଚ ଥିଲେ। ଏହି ପଞ୍ଚାୟତରେ ୨୦୧୭ରୁ ୨୦୨୨ ଯାଏଁ ତାଙ୍କର ସ୍ୱାମୀ ପ୍ରଦୀପ କୁମାର ମହାନ୍ତି ସରପଞ୍ଚ ହୋଇଥିଲେ। ଶ୍ରୀମତୀ ମହାନ୍ତି ଦ୍ୱିତୀୟ ଥର ପାଇଁ ୨୦୨୨ରେ ସରପଞ୍ଚ ଭାବେ ନିର୍ବାଚନରେ ବିଜୟୀ ହୋଇଥିଲେ।

ଏହି ଘଟଣା ସାମ୍ନାକୁ ଆସିବା ପରେ ସମସ୍ତ ଫାଇଲ ପୋଡ଼ି ଦିଆଯାଇଥିଲା। ଅନେକ ଅଭିଯୋଗ ଓ ପ୍ରତିବାଦ ପରେ ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି।

# କୁନିକୁନି ପିଲାଙ୍କ ଶାରୀରିକ ଓ ସାମାଜିକ ଅଭିବୃଦ୍ଧି ଉପରେ ଆଲୋକପାତ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତରେ ଥିବା କଳିଙ୍ଗ ପବ୍ଲିକ ସ୍କୁଲର ଅଧକ୍ଷା କଳ୍ପନା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କୃଷ୍ଣାନନ୍ଦପୁର ଥାନା ଅଧିକାରୀ କୁଳମଣି ସେଠୀ, ମୁଖ୍ୟବକ୍ତାଭାବେ କୃଷ୍ଣାନନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୋହନ କୁମାର ଟୁଡୁ, ସମ୍ମାନିତ ଅତିଥି ଭାବେ ଥାନାର ଶାନ୍ତନୁ କୁମାର ଜେନା ପ୍ରମୁଖ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବିଦ୍ୟାଳୟର ଆଭିମୁଖ୍ୟ ଉପରେ ଅଧକ୍ଷା ଶ୍ରୀମତୀ ବେଉରା ନିଜର ଅଭିଭାଷଣ ରଖିଥିଲେ। ଅତିଥିମାନେ କୁନି କୁନି ପିଲାମାନଙ୍କର ଶାରୀରିକ ଓ ସାମାଜିକ ଅଭିବୃଦ୍ଧି କିପରି ହୋଇପାରିବ ସେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରତାପ କୁମାର କର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଜୀବନ ଆଶ୍ରିତ ଦାସ ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବିଷ୍ଣୁ ଚରଣ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ ଦାସ, ପ୍ରମୋଦ ଜେନା, ମଳୟ କୁମାର ମହାପାତ୍ର, ତବସୁମ ଖାନ, ରଶ୍ମିତା ଖୁଣ୍ଟିଆ, ରୋଜାଲିନି ମୁଦୁଲି, ତସନିମ ଫିରଦୋସ, ମୋନାଲିସା ସେଣ୍ଡ୍, ସ୍ମୃତି ଲିପି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ମଳୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହରିୟାଣା ଓ ଦିଲ୍ଲୀ ଗସ୍ତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହରିୟାଣା ଓ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ହରିୟାଣାରେ ଅନୁଷ୍ଠିତ ୩୮ତମ ସୁରଜକୁଣ୍ଡ ଅନ୍ତର୍ଜାତୀୟ କ୍ରାଫ୍ଟସ ମେଳା-୨୦୨୫ ରେ ଯୋଗ ଦେବେ। ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଆୟୋଜିତ ଏହି ମେଳାର ସ୍ୱତନ୍ତ୍ର ଆକର୍ଷଣ ଓଡ଼ିଶା ଥିମ ପାଭିଲିୟନକୁ ପରିଦର୍ଶନ କରିବେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଙ୍ଗମ ଜଳ ...

ସୁନିଶ୍ଚିତ କରିବା ୟୁପି ସରକାରଙ୍କ ଦାୟିତ୍ୱ। ଏନଜିଟି ୟୁପି ସରକାରଙ୍କ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ଆପଣ ଏକ ଲମ୍ବା ଉତ୍ତର ଦାଖଲ କରିଛନ୍ତି। କିନ୍ତୁ କୌଣସି ସ୍ଥାନରେ କୋଲିଫର୍ମର ଉଲ୍ଲେଖ ନାହିଁ । ଏନଜିଟି କହିଛି ଯେ ରିପୋର୍ଟରେ ବିସ୍ତୃତ ବିବରଣୀ ଅଛି, କିନ୍ତୁ ଏଥିରେ ଗଙ୍ଗା ଏବଂ ଯମୁନାର ସଫେଇ ସହିତ ଜଡିତ ସମସ୍ତ ପାରାମିଟର ଉଲ୍ଲେଖ ନାହିଁ। ୟୁପିପିସିବି ଦାବି କରିଛି ଯେ ଯେଉଁଠାରୁ ସିପିସିବି ଗଙ୍ଗା ଏବଂ ଯମୁନାର ନମୁନା ନେଇଥିଲା, ସେହି ପାଣି ପ୍ରଦୂଷିତ ଥିଲା, କିନ୍ତୁ ଯେଉଁଠାରୁ ଆମେ ନମୁନା ସଂଗ୍ରହ କରିଥିଲୁ, ସେହି ପାଣି ସଫା ଥିଲା । ଏହି ପ୍ରସଙ୍ଗରେ ଏନଜିଟି ରାଗି ଯାଇଥିଲେ। ୟୁପି ସରକାର ଏନଜିଟିଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ସିପିସିବି ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ୟୁପିପିସିବି ଗୋଟିଏ ସପ୍ତାହ ମଧ୍ୟରେ ଗଙ୍ଗା ଏବଂ ଯମୁନାର ଜଳର ଗୁଣବତ୍ତା ଉପରେ ସଦ୍ୟତମ ରିପୋର୍ଟ ଦାଖଲ କରିବ। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୮ ଫେବୃଆରୀରେ ହେବ।

### ବର୍ଷା, ବିଜୁଳି, ...

ହେବାର ସମ୍ଭାବନା ଥିବା ସେ କହିଛନ୍ତି। ଗୁରୁବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଆଦି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାଗୁଡ଼ିକର ଗୋଟିଏ ବା ଦୁଇଟି ସ୍ଥାନରେ ବର୍ଷା ସହିତ ବିଜୁଳି ମାରିବାର ସମ୍ଭାବନା ରହିଛି । ଏହା ସହିତ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ଥିବା ବେଳେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ସେହିପରି ଢେଙ୍କାନାଳ, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା ଓ ଜତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଗୁରୁବାର ସକାଳ ସାଢେ ୮ଟାରୁ ଶୁକ୍ରବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବା ସହିତ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି । ଶୁକ୍ରବାର ସକାଳ ସାଢେ ୮ଟାରୁ ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ବିଜୁଳି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଦୁଇ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ସକାଳ ସାଢ଼େ ୮ଟାରୁ ରବିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ରବିବାର ସକାଳ ସାଢ଼େ ୮ଟାରୁ ସୋମବାର ସକାଳ ସାଢ଼େ ୮ଟା ମଧ୍ୟରେ ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବାକି ସବୁ ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି । ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ତାପରେ ପାଗ ଶୁଖିଲା ରହିପାରେ। ଅନ୍ୟପକ୍ଷରେ ଆଗାମୀ ୪-୫ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ପାକିସ୍ତାନକୁ ...

ନୌସେନା ଘାଟି ଏବଂ କୋଚି ନୌସେନା ଘାଟିରେ ଥିବା ଭାରତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ସୂଚନା ଦେଉଥିଲେ ଏବଂ ସୂଚନା ବଦଳରେ ପିଆଇଓମାନଙ୍କ ଠାରୁ ଟଙ୍କା ନେଉଥିଲେ। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୮ ଜଣଙ୍କୁ ଗିରଫ କରାଯାଇଛି। ୨୦୨୧ ଜାନୁଆରୀରେ ଆନ୍ଧ୍ରପ୍ରଦେଶର କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ ଦ୍ୱାରା ପଞ୍ଜିକୃତ ହୋଇଥିବା ଏହି ମାମଲାରେ ଏନଆଇଏ ବର୍ତ୍ତମାନ ସୁଦ୍ଧା ଦୁଇ ଫେରାର ପାକିସ୍ତାନୀ ଆତଙ୍କବାଦୀଙ୍କ ସମେତ ୫ ଜଣଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଛି ।୨୦୨୩ ଜୁନରେ ଆତଙ୍କବାଦ ନିରୋଧୀ ଏଜେନ୍ସି ଏହି ମାମଲାକୁ ନିଜ ହାତକୁ ନେଇଥିଲା। ଏନଆଇଏ ତଦନ୍ତରୁ ଜଣାପଡିଛି ଯେ ଗିରଫ ହୋଇଥିବା ପାକିସ୍ତାନୀ ନାଗରିକ ମୀର ବାଲାଜ ଖାନ ଏବଂ ଆକାଶ ସୋଲାଙ୍କି ନାମକ ଜଣେ ବ୍ୟକ୍ତି ଭାରତ ବିରୋଧୀ ଷଡଯନ୍ତ୍ରର ଅଂଶ ଭାବରେ ଭାରତୀୟ ନୌସେନା ବିଷୟରେ ସମ୍ବେଦନଶୀଳ ଗୁରୁତ୍ୱପୂର୍ଣ୍ଣ ସୂଚନା ଲିକ କରିବା ସହ ଜଡିତ ଗୁପ୍ତଚର ରାକେଟରେ ସମ୍ପୃକ୍ତ ଥିଲେ । ଅନ୍ୟ ଜଣେ ଫେରାର ପିଆଇଓ ଅଲଭେନ ଏବଂ ଅନ୍ୟ ଦୁଇ ଜଣ ମନମୋହନ ସୁରେନ୍ଦ୍ର ପଣ୍ଡା ଓ ଅମାନ ସଲିମ ଶେଖଙ୍କ ବିରୋଧରେ ମଧ୍ୟ ଏଜେନ୍ସି ଚାର୍ଜସିଟ ଦାଖଲ କରିଛି।

### ଦାୟିତ୍ୱ ଗ୍ରହଣ...

ମୁଖ୍ୟ ନିର୍ବାଚନ କମିଶନର ଥିବା ରାଜୀବ କୁମାର ୧୮ ଫେବୃଆରୀରେ ସେବାନିବୃତ୍ତ ହୋଇଥିଲେ। ବୁଧବାର ସକାଳେ ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ରାଷ୍ଟ୍ରସେବା ପାଇଁ ପ୍ରଥମ ପଦକ୍ଷେପ ହେଉଛି ଭୋଟ ।ଭାରତର ପ୍ରତ୍ୟେକ ନାଗରିକ ଯିଏ ୧୮ ବର୍ଷ ବୟସ ପୂରଣ କରିଛନ୍ତି, ତାଙ୍କର ମତଦାନ ନିଶ୍ଚିତ କରିବା ଉଚିତ। ୧୯୮୮ ବ୍ୟାଚର ଆଇଏଏସ ଅଧିକାରୀ ଜ୍ଞାନେଶ କୁମାର ନିର୍ବାଚନ ଆୟୋଗର ସଦସ୍ୟଙ୍କ ନିଯୁକ୍ତି ପାଇଁ ନୂତନ ନିୟମ ଅନୁଯାୟୀ ହେବାକୁ ଥିବା ପ୍ରଥମ ମୁଖ୍ୟ ନିର୍ବାଚନ କମିଶନର। ତାଙ୍କ କାର୍ଯ୍ୟକାଳ ୨୬ ଜାନୁଆରୀ ,୨୦୨୯ ପର୍ଯ୍ୟନ୍ତ ରହିବ।

### ଖୁବ୍‌ଶୀଘ୍ର ବଜାରକୁ ...

ବର୍ତ୍ତମାନ ଏହି ଟିକାକୁ ନେଇ ଅନୁସନ୍ଧାନ ପ୍ରାୟ ଶେଷ ହୋଇଛି ଏବଂ ଏବେ ଏହାର ଟ୍ରାଏଲ ଚାଲିଥିବା ସେ କହିଛନ୍ତି । ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ୁଥିବାବେଳେ ସରକାର ଏହି ସମସ୍ୟାର ମୁକାବିଲା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତାପରାଓ କହିଛନ୍ତି । ସେହିପରି କ୍ୟାନସର ମୁକାବିଲା ପାଇଁ ୩୦ ବର୍ଷରୁ ଅଧିକ ବୟସର ମହିଳାଙ୍କର ହସ୍ପିଟାଲରେ ସ୍କ୍ରିନିଂ କରାଯିବ ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ପାଇଁ ଡେ କେୟାର କ୍ୟାନସର ସେଣ୍ଟର ନିର୍ମାଣ କରାଯିବ। ସେହିପରି କର୍କଟ ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧ ଉପରେ କଷ୍ଟମ ଡ୍ୟୁଟି ଛାଡ଼ କରାଯାଇଛି ବୋଲି ସେ କହିଛନ୍ତି।

### ବିପର୍ଯ୍ୟୟ ମୁକାବିଲା...

୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ) ରୁ ୧୪ଟି ରାଜ୍ୟକୁ ୨,୨୦୮.୫୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଆନୁଷ୍ଠାନିକ ସ୍ମାରକପତ୍ର ପାଇବାକୁ ଅପେକ୍ଷା ନକରି ବିପର୍ଯ୍ୟୟ ପରେ ତୁରନ୍ତ ଏହି ରାଜ୍ୟଗୁଡ଼ିକୁ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମସିଟି) ପଠାଇଥିଲେ।

### କାର୍ଯ୍ୟାନୁଷ୍ଠାନ...

ସାମଗ୍ରିକ ଭାବେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବେସରକାରୀ କାର୍ଯ୍ୟଦିବସ ଥିବା ହେତୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନଥିଲା ତେବେ ବିରୋଧୀ ଦଳ ଆଚରଣକୁ ଗୃହରେ ଶାସକ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରିବା ସହ ଏହାର ସମାଲୋଚନା ମଧ୍ୟ କରିଥିଲେ। ବୁଧବାର ପୂର୍ବାହ୍ନ ୧୦.୩୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା କ୍ଷଣି ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନଙ୍କ ହଟ୍ଟଗୋଳ ନାରାବାଜି କରି ଗୃହ ମଧ୍ୟକୁ ଚାଲିଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ହୋ ହାଲ୍ଲା କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସେମାନେ ଗୃହର ମଧ୍ୟଭାଗରେ ଏକାଠି ହୋଇ ସରକାର ବିରୋଧୀ ନାରାବାଜି ଆରମ୍ଭ କରିବାରୁ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢୀ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଡାକିଥିଲେ। ତେବେ ଏହି ସମୟରେ ବିରୋଧୀ ଦଳର ବିଧାୟକମାନଙ୍କ ହଟ୍ଟଗୋଳ ଜୋର ଧରିଥିଲା। ବିଜେଡ଼ିର ବିଧାୟକମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୁନର୍ଗଠନ ବନ୍ଦ ହେଉ, ମିଶନ ଶକ୍ତକୁ ଗୈରୀକରଣ ବନ୍ଦ ହେଉ ବୋଲି ନାରାବାଜି କରିବା ସହ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିବା ବେଳେ କଂଗ୍ରେସ ବିଧାୟକମାନେ ଗୃହ ମଝିରେ ମହିଳାଙ୍କୁ ନ୍ୟାୟ ଦେବା ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ଦାବି ଉଠାଇ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଶ୍ରୀମତୀ ପାଢୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ। ବାଚସ୍ପତି ଗୃହ ମୁଲତବୀ ଘୋଷଣା କରିବା ପରେ ବିଜେଡ଼ି ବିଧାୟକମାନେ ଏକାଠି ହୋଇ ଗୃହ ମଧ୍ୟରୁ ସରକାରୀ ବିରୋଧୀ ନାରାବାଜି ଦେଇ ବିଧାନସଭା ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇ ସେଠାରେ ଧାରଣା ଦେଇଥିଲେ। ପ୍ରଶ୍ନୋତ୍ତର କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଆଲୋଚନା ହେବାର ଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ, ନାରବାଜି ଏବଂ ଗୃହ ମୁଲତବୀ ଫଳରେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

# ୧୧,୦୨୦ ମେଗାୱାଟ ସୌରଶକ୍ତି ଉତ୍ପାଦନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର : କେ.ଭି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ରାଜ୍ୟ ସରକାର ୬ଟି ବିଭିନ୍ନ ସରକାରୀ ସଂସ୍ଥାମାନଙ୍କ ସହ ୧୧,୦୨୦ ମେଗାୱାଟ ସୌରଶକ୍ତି ଉତ୍ପାଦନ ପାଇଁ ଏମ୍‌ଓୟୁ ବା ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ବିଧାନସଭାରେ ପ୍ରକାଶ କରିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇଣ୍ଡିଆନ ଅଏଲ କର୍ପୋରେସନ, ଓଏନଜିସି ତ୍ରିପୁରା ପାୱାର କମ୍ପାନୀ, ମହାନଦୀ କୋଲ୍ ଫିଲ୍ଡ଼ସ ଲିମିଟେଡ଼, ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ଼, ଆରଇସି ପାୱାର ଡ଼େଭଲପମେଣ୍ଟ ଆଣ୍ଡ କନ୍‌ସଲଟାନ୍ସି ଲିମିଟେଡ଼ ଏବଂ ଏଚ୍‌ପିସିଏଲ ରିନିଓବୁଲ ଆଣ୍ଡ ଗ୍ରୀନ ଏନର୍ଜି ଲିମିଟେଡ଼ ଭଳି ସଂସ୍ଥାମାନଙ୍କ ସହ ସୌରଶକ୍ତି ଉତ୍ପାଦନ ପାଇଁ ଏମ୍‌ଓୟୁ କରାଯାଇଛି। ତେବେ କେଉଁ ସବୁ ସ୍ଥାନରେ ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାପନ କରାଯିବ, ତା'ର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଓ ଅଧ୍ୟୟନ ପରେ ଚୂଡ଼ାନ୍ତ କରାଯିବ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

**ୱାଟର ଭେଣ୍ଡିଙ୍ଗ ମେସିନ୍ ନିମନ୍ତେ ଇ-ନିଲାମ**

ନିଲାମ କ୍ୟାଟଲଗ୍ ନଂ.: SDCM-KUR-WVM

| କ୍ର. | ଷ୍ଟେସନର ନାମ | ସ୍ଥାନ | WVMs ସଂଖ୍ୟା |
|---|---|---|---|
| 1 | ଭଦ୍ରକ | ପ୍ଲାଟଫର୍ମ-1&2 | 01 |
| | | ପ୍ଲାଟଫର୍ମ-3&4 | 01 |
| 2 | ଖୋର୍ଦ୍ଧା ରୋଡ୍ | ପ୍ଲାଟଫର୍ମ-1 | 02 |
| | | ପ୍ଲାଟଫର୍ମ-2 | 02 |
| | | ପ୍ଲାଟଫର୍ମ-4&5 | 02 |
| | | ପ୍ଲାଟଫର୍ମ-6&7 | 02 |
| 3 | ବାଲୁଗାଁ | ପ୍ଲାଟଫର୍ମ-2&3 | 01 |
| 4 | ପଳାସା | ପ୍ଲାଟଫର୍ମ-2&3 | 01 |
| 5 | ଯାଜପୁର-କେନ୍ଦୁଝର ରୋଡ୍ | ପ୍ଲାଟଫର୍ମ-2&3 | 01 |

ନିଲାମ ହେବା ତାରିଖ ଓ ସମୟ : 27.02.2025, 1100 ଘଟିକାଠାରୁ ।

ଦ୍ରଷ୍ଟବ୍ୟ : ଆଗ୍ରହୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍ର ବିବରଣୀ ଏବଂ ଅନ୍ୟାନ୍ୟ ସୂଚନା ସମ୍ପର୍କିତ ସମସ୍ତ ବିବରଣୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-998/P/24-25



MM-491

**OFFICE OF THE DIVISIONAL FOREST OFFICER: NAYAGARH DIVISION.**
Phone/Fax: 06753-252226, Mob-9437052226, E-Mail: dfo.nayagarh@odisha.gov.in

**TENDER NOTICE**

**Last date for sale of tender paper:-24.02.2025 (5.30 PM)**
**Last date for submission of tender paper: 03.03.2025 (1.30 PM)**

Sealed tenders are invited by the undersigned from the Transport Contractors for transportation of Car timbers of Lord Jagannath, Puri for 2025 Car festival from different truckable points of Nayagarh Forest Division, Khurdha Forest Division, Ghumusar South Division, Ghumusar North Division, Boudh Division & Redhakhol Division to Rath Khala, Puri and OFDC Saw mill, Khapuria, Cuttack over an average lead of 110 to 410 KM approximately. **The last date for submission of tender paper in this office is dt. 03.03.2025 up to 01.30 PM.** The tender received after **01.30 PM** on dt. **03.03.2025** will be rejected. The tender paper will be opened on the same day at **4.00 PM.** If any unavoidable circumstances are noticed on the same day, the tender will be opened in the next day at the same time, i.e. on dt.**04.03.2025** at **4.00 PM**. The tender paper can be obtained from this office @ Rs.500/- per each paper from the date of publication of this advertisement in all working days up to **03.03.2025 (5.30 PM)**. The tenderers are required to submit E.M.D. in shape of Bank Draft/ Bankers cheque worth of Rs. 1,00,000/- (Rupees one lakh) only drawn in any Nationalised Bank **in favour of the Divisional Forest Officer, Nayagarh** payable at State Bank of India, Main Branch, Nayagarh only alongwith the tender paper. Tender paper without E.M.D. will be rejected. For further details, the undersigned may be contacted during office hours of working days. The undersigned reserves the right to cancel any or all tender without assigning any reason thereof.

| Name of the Species | Length & Girth of the | No. of logs.Logs to be Transported |
|---|---|---|
| Asan | 12' x 3' | 234 logs |
| Dhaura | 12' x 3' | 234 logs |
| Asan | 20' x 3' | 100 logs |
| Dhaura | 20' x 3' | 104 logs |
| Dhaura | 20' x 4' | 12 logs |
| Dhaura | 20' x 6' | 06 logs |
| Asana | 40' x 3' | 30 logs |
| Dhaura | 40' x 3' | 43 logs |
| Dhaura | 40' x 3.6" | 21 logs |
| Dhaura | 40' x 4' | 06 logs |
| Phasi | 14' x 6' | 72 logs |
| Simili | 14' x 6' | 03 logs |
| | TOTAL : | 865 logs |

OIPR-08026/11/0012/2425

Sd/- Divisional Forest Officer
Nayagarh Division



**Government of Odisha "e" procurement Notice** B-1018

**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

Bid Identification No. S.E (R&B) KPT- 19 / 2024-25

1. Name of the work: Electrical works
2. Total No. of works: 02 Nos.
3. Estimated cost: Rs. 22.73 to 35.64 Lakhs
4. Period of completion: 01 (One) month
5. Date & Time of availability of bid document in the portal: From 25.02.2025 at 11.00 hours to 12.03.2025 upto 17.00 hours
6. Last date/ Time for receipt of bids in the portal: 12.03.2025 upto 17.00 hours
7. Date of opening of Tender: 13.03.2025 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

OIPR-34096/11/0015/2425

Sd/- Superintending Engineer
Koraput (R&B) Division



A-1091

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**UPPER KOLAB IRRIGATION DIVISION,**
**BORIGUMMA, DIST: KORAPUT.**
**e-Procurement Notice**
**Bid Identification No. SEUKID-07/2024-25 Dated: 18.02.2025**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

1. Name of the Work : Civil Works
2. No. of Works : 1 No
3. Estimated Cost : Rs.49.98
4. Period of completion : Four calendar months
5. Date & Time of Bidding : From 11.00 hours of **20.02.2025** Up to 17.00 hours of **01.03.2025**
6. Last date & time for receipt of bids in portal : **01.03.2025** up to 17.00hours.
7. Bids received online shall be opened on : 11.00 hours of **03.03.2025**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.**
Addendum/corrigendum/cancellation required, if any will be published in Govt. Website only.

Sd/- Superintending Engineer
Upper Kolab Irrigation Division
Borigumma (K)

OIPR-32482/11/0009/2425



**NOTIFIED AREA COUNCIL, PATNAGARH.** C-1691
Ph No.-06658-222247,e-mail-nac yahoo.co.in, website-www.nacpatnagarh.in
Letter No. 273 / Dt. 17.02.2025

**QUOTATION CALL NOTICE**

Sealed quotations are invited from the intending Registered Dealer/ Supplier/ Firm/ Agency having GSTN/ PAN Card for supplying of Wheel Barrow & sanitation articles to N.A.C., Patnagarh. The quotation along with price list should reach to the undersigned at NAC Office on or before dt.04.03.2025 up to 03:00 P.M. through registered post/ speed post and it will be opened on the same day at 04:00 P.M in presence of the quotationers or their authorized representatives. The terms & conditions along with quotation paper may be downloaded from Patnagarh NAC website i.e www.nacpatnaqarh.in and apply accordingly. The authority reserves the right to accept / reject any or all quotation without assigning any reason thereof.

Sd/- Executive Officer
N.A.C Patnagarh

OIPR-13102/11/0014/2425

ଭୁବନେଶ୍ୱର
୨୦ ଫେବୃୟାରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କିଟ୍ ପକ୍ଷରୁ ପ୍ରକୃତିଙ୍କ ନାମରେ ମେଧାବୃତ୍ତି ଘୋଷଣା

**ଭୁବନେଶ୍ୱର, ୧୯।୦୨**
**ନ୍ୟୁଜ୍ ବ୍ୟୁରୋ**

କିଟ୍ ଛାତ୍ରୀ ପ୍ରକୃତିଙ୍କ ମୃତଦେହ ତାଙ୍କ ବାପା ଓ ମାମୁଙ୍କୁ ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଶେଷ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ସାକ୍ଷାତ କରିଥିଲେ। ପ୍ରକୃତିଙ୍କ ଅକାଳ ମୃତ୍ୟୁରେ ଡ. ସାମନ୍ତ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପ୍ରକୃତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ଏକ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ଡ. ସାମନ୍ତ ଘୋଷଣା କରିଥିଲେ। ପ୍ରକୃତିଙ୍କ ବାପାଙ୍କ ପ୍ରସ୍ତାବ କ୍ରମେ ଏହି ମେଧାବୃତ୍ତି କିଟ୍‌ରେ ପାଠ ପଢୁଥିବା ନେପାଳର ମେଧାବୀ ଛାତ୍ରୀଙ୍କୁ ପ୍ରଦାନ କରାଯିବ।

ଏହି ଘଟଣାରେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସରୁ ଆସିଥିବା ଦୁଇ ଅଧିକାରୀ କିଟ୍‌ରେ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ପୁନର୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଅନ୍ୟ ପକ୍ଷରେ ନିଜ ଘରକୁ ଚାଲିଯାଇଥିବା ଅନେକ ଛାତ୍ରଛାତ୍ରୀ କିଟ୍‌କୁ ଫେରିଛନ୍ତି। କିଟ୍‌କୁ ଫେରି ନଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ବୁଧବାର ପ୍ରତିଷ୍ଠାତା ଡ. ସାମନ୍ତ ନେପାଳ ପ୍ରୋଭିନ୍ସ-୨ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଲାଲ୍‌ବାବୁ ରାଉତଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ପିଲାଙ୍କୁ କିଟ୍‌କୁ ଫେରାଇ ଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଡ. ସାମନ୍ତ ତାଙ୍କୁ ସୂଚନା ଦେଇଥିଲେ। ସେହିପରି ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅର୍ଜୁ ରାଣା ଦେଉବା, ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଯାଦବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଡ. ସାମନ୍ତ ଆଲୋଚନା କରି ପିଲାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ହସ୍ତତନ୍ତ ବସ୍ତ୍ର ବିକ୍ରି ବୃଦ୍ଧି

**ଭୁବନେଶ୍ୱର, ୧୯।୦୨:ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବର୍ଷକୁ ସମ୍ପ୍ରତି ୩୫୯୯୫.୪୮ ଲକ୍ଷ ଟଙ୍କା ମୂଲ୍ୟର ୧୧୩.୨୬ ଲକ୍ଷ ବର୍ଗମିଟରର ହସ୍ତତନ୍ତ ବସ୍ତ୍ର ବିକ୍ରୟ କରାଯାଉଛି। ୨୦୨୨-୨୩ ବର୍ଷ ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୭ ପ୍ରତିଶତ ହାରରେ ବିକ୍ରୟ ବୃଦ୍ଧି ହୋଇଛି। ଅନଲାଇନ ମାଧ୍ୟମରେ ହନ୍ତତନ୍ତ ବସ୍ତ୍ର ବିକ୍ରୟ କ୍ଷେତ୍ରରେ ୨୦୨୩-୨୪ ବର୍ଷରେ ୨୪୫.୦୧ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରୟ କରାଯାଇଛି। ପୂର୍ବବର୍ଷ ତୁଳନାରେ ଅନ୍‌ଲାଇନରେ ବିକ୍ରୟ ହାର ୩୧.୮୮ ପ୍ରତିଶତକୁ ବୃଦ୍ଧି ହୋଇଛି ବୋଲି ହସ୍ତତନ୍ତ ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ବୁଧବାର ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି।

# ପୁନଃ ନିର୍ମାଣ ହେବ ସୋମନାଥ ମନ୍ଦିର

**ନୂଆଦିଲ୍ଲୀ, ୧୯।୦୨**

ଧ୍ୱଂସପ୍ରାପ୍ତ ପ୍ରସିଦ୍ଧ ସୋମନାଥ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପୁନଃନିର୍ମାଣ ତଥା ସଂରକ୍ଷଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୦୦୦ ବର୍ଷ ତଳେ ଏହି ପବିତ୍ର ଧର୍ମପୀଠ ସୋମନାଥ ମନ୍ଦିର ଉପରେ ଗଜନିର ମହମ୍ମଦ ଆକ୍ରମଣ କରି ଭଙ୍ଗାରୁଜା କରିଥିଲେ। ଏହି ଐତିହାସିକ ଧର୍ମସ୍ଥଳୀର ପୁନଃନିର୍ମାଣ ତଥା ସଂରକ୍ଷଣ ନିମନ୍ତେ ଅଗ୍ନିହୋତ୍ରି ବ୍ରାହ୍ମଣଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ଧର୍ମପୀଠରେ ଧର୍ମକାର୍ଯ୍ୟ ପୂର୍ବଭଳି ସମ୍ପନ୍ନ ନିମନ୍ତେ ନିକଟରେ ବିଶିଷ୍ଟ ଆଧ୍ୟାତ୍ମିକ ନେତା ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ହସ୍ତାନ୍ତର କରାଯାଇଛି।



# ଆଶୁତୋଷ ରଥଙ୍କୁ ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ ପୁରସ୍କାର



**ଭୁବନେଶ୍ୱର, ୧୯।୦୨:ନ୍ୟୁଜ୍ ବ୍ୟୁରୋ**

ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥ ୧୮ ଫେବୃୟାରୀ ୨୦୨୫ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସରେ ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ ପୁରସ୍କାର ଗ୍ରହଣ କରିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଅଭିନବ ପରିବର୍ତ୍ତନ ଆଣିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

## ସହରରେ ନକିଲ ଓମଫେଡ୍ ଘିଅ-ଦୁଗ୍ଧ

# ପୁଲିସ ଟିମ୍ ପକ୍ଷରୁ ଗୋଦାମ ଓ ଦୋକାନରେ ଚଢ଼ଉ

**ରାଉରକେଲା, ୧୯।୦୨**
**ନ୍ୟୁଜ୍ ବ୍ୟୁରୋ**

ସହରରେ ନାମିଦାମୀ ବ୍ରାଣ୍ଡର ଲୋଗୋ ମାରି ଅବାଧରେ ବିକ୍ରି ଚାଲିଛି ବିଭିନ୍ନ ନକଲି ଖାଦ୍ୟ ପଦାର୍ଥ। ବିଗତ ଦିନରେ ନକଲି ତେଲ, ସସ୍, ରୋଷେଇ ମସଲା, ମୋବିଲ୍, କସ୍ମେଟିକ୍ ଓ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଓ ସ୍ୱାସ୍ଥ୍ୟବିଭାଗ ଟିମ୍ ଜବତ କରିଛନ୍ତି। ଏହି ଘଟଣାରେ କିଛି ଅସାଧୁ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଛି।

ତଥାପି ସହରରେ ନକଲି ଖାଦ୍ୟପଦାର୍ଥ ବିକ୍ରି ବନ୍ଦ ହେଉନି। ଏବେ ସହରରେ ଓମ୍‌ଫେଡ୍ ନାଁରେ ନକଲି ଘିଅ ଓ ଦୁଗ୍ଧ ବିକ୍ରି ହେଉଛି। ଗ୍ରାହକମାନଙ୍କଠୁ ଅଭିଯୋଗ ପାଇବା ପରେ ପୁଲିସର ସ୍ୱତନ୍ତ୍ର ଟିମ୍ ପ୍ଲାଣ୍ଟସାଇଟ୍ ବିଭିନ୍ନ ଗୋଦାମ, ଦୋକାନ ସହ ଇସ୍ପାତ ସହରାଞ୍ଚଳରେ କେତେକ ଦୋକାନରେ ଚଢ଼ଉ କରିଛି। ଯେଉଁ ସ୍ଥାନରୁ ଓମ୍‌ଫେଡ୍ ବ୍ରାଣ୍ଡର ନକଲି ଘିଅ ଓ ଦୁଗ୍ଧ ବିକ୍ରି ନେଇ ଖବର ଆସିଥିଲା ସେହି ସ୍ଥାନରେ ପୁଲିସ ଟିମ୍ ଚଢ଼ଉ କରିଥିଲେ।

ହେଲେ ପୁଲିସକୁ ସେମିତି କୌଣସି ନକଲି ସାମଗ୍ରୀ ମିଳି ନଥିବା ଜଣାପଡ଼ିଛି। କୋଲକାତା, ରାୟପୁର ସମେତ ଝାଡ଼ଖଣ୍ଡ ଓ ବିହାର ଆଦି ରାଜ୍ୟରୁ ଏଭଳି ନକଲି ପଦାର୍ଥ ରାଉରକେଲାକୁ ଆସୁଥିବା ଜଣାପଡ଼ିଛି। ବସ୍ ଓ ଟ୍ରେନ୍ ଯୋଗେ ରାଉରକେଲାରେ ପହଞ୍ଚିବା ପରେ କିଛି ଅସାଧୁ ବ୍ୟବସାୟୀ ଏସବୁ ନକଲି ସାମଗ୍ରୀକୁ ସହରରେ କମ୍ ବିକ୍ରି କରୁଥିବାବେଳେ ଏହାର ଆଖପାଖ ଅଞ୍ଚଳରେ ବେଶି ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଜିଲ୍ଲା ପ୍ରଶାସନ ଓ ଆରଏମସି ନିୟମିତ ବ୍ୟବଧାନରେ ଚଢ଼ଉ କରି ନକଲି ଖାଦ୍ୟପଦାର୍ଥ ବିକୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଭିଜିଲାନ୍ସ ଜାଲରେ ଡେପୁଟି କଲେକ୍ଟର



**କେନ୍ଦୁଝର, ୧୯।୦୨:ନ୍ୟୁଜ୍**

ଭିଜିଲାନ୍ସ ଜାଲରେ ଡେପୁଟି କଲେକ୍ଟର। ଭୂଅର୍ଜନ (ସାଧାରଣ) ଉପବିଭାଗ ଡେପୁଟି କଲେକ୍ଟର ଶରତ ଗିରି ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। କେନ୍ଦୁଝର ଜିଲ୍ଲା ଭୂଅର୍ଜନ (ସାଧାରଣ) ଉପବିଭାଗର ଡେପୁଟି କଲେକ୍ଟର ଶରତ ଗିରି ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ଚିତ୍ରସେନ ବ୍ରହ୍ମଙ୍କଠାରୁ ୨୦ ନମ୍ବର ଜାତୀୟ ରାଜପଥ ବନାଯୋଡ଼ି ନିକଟରେ ଥିବା ୮ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ପାଇଁ ପାଖାପାଖି ୭ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ, ସେଥିରୁ ୧୦ପ୍ରତିଶତ ଟଙ୍କା ଲାଞ୍ଚ ହିସାବରେ ଚିତ୍ରସେନଙ୍କୁ ମାଗିଥିଲେ ଡେପୁଟି କଲେକ୍ଟର ଶରତ ଗିରି। ବୁଧବାର ସେଥିରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଧରାପଡ଼ିବା ପରେ ଏକକାଳୀନ ତାଙ୍କର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା ଭିଜିଲାନସ୍ ପକ୍ଷରୁ ସୂଚନା ମିଳିଛି।

# ୮୪୦ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏଆଇଏମ୍ ୨.୦ ପୋର୍ଟାଲ ଦ୍ୱାରା ପଞ୍ଜିକୃତ

**ଭୁବନେଶ୍ୱର, ୧୯।୦୨:ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୪୦ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏଆଇଏମ୍ ୨.୦ ପୋର୍ଟାଲ ଦ୍ୱାରା ପଞ୍ଜିକୃତ ହୋଇ ସ୍ଥାପିତ ହୋଇଛି। ସେଗୁଡ଼ିକ ମଧ୍ୟରେ କେମିକାଲ ଆଣ୍ଡ ଆଲାଏଡ୍, ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ ମେ ଲ ବେସ୍‌ଡ୍, ଜଙ୍ଗଲ ଓ କାଠ ଭିତ୍ତିକ ଗ୍ଲାସ ସିରାମିକ୍, କାଗଜ, କାଗଜାତ ପଦାର୍ଥ, ରବର ଓ ପ୍ଲାଷ୍ଟିକ ପଦାର୍ଥ, ବୟନ ଶିଳ୍ପ, ରିପ୍ୟାରିଂ ଆଣ୍ଡ ସର୍ଭିସିଂ ଆଦି କ୍ଷେତ୍ରରେ ଏହି ଉଦ୍ୟୋଗ ପ୍ରତିଷ୍ଠା ହୋଇଛି। ବିଶେଷ କରି କାଜୁ ପ୍ରକ୍ରିୟାକରଣ, ଚାଉଳ କଳ, ମସଲା ଉଦ୍ୟୋଗ, ପାଉଁରୁଟି, ବିସ୍କୁଟ, ଅଟା କଳ ଇତ୍ୟାଦି ଉଦ୍ୟୋଗ ସ୍ଥାପିତ ହୋଇଛି। ଏମ୍‌ଏସ୍‌ଏମଇ ସେକ୍ଟରରେ ପୁଞ୍ଜିନିବେଶ ପାଇଁ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ୧୭ଟି ଶିଳ୍ପ ସଂସ୍ଥା ସହ ଏମ୍‌ଓୟୁ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି।

# ୩୨,୫୬,୪୬୫ ଜଣଙ୍କ ଇ-କେୱାଇସି ଯାଞ୍ଚ ହୋଇପାରିନି

**ଭୁବନେଶ୍ୱର, ୧୯।୦୨:ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଚଳିତ ଫେବୃୟାରୀ ୧୪ ତାରିଖ ସୁଦ୍ଧା ସର୍ବମୋଟ ୨,୯୯,୭୬,୮୫୨ ଜଣ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ସରିଯାଇଛି। ତନ୍ମଧ୍ୟରୁ ରାଜ୍ୟ ଭିତରେ ଥାଇ ୨୯୮୪୦୬୬୦ ଜଣ ନିଜର ଇ-କେୱାଆଇସି କରାଇ ନେଇଥିବା ବେଳେ ୧୩୬୧୯୨ଜଣ ହିତାଧିକାରୀ ରାଜ୍ୟ ବାହାରେ ଥାଇ, ନିଜ ଇ-କେୱାଇସି କରାଇ ନେଇଛନ୍ତି। ବର୍ତ୍ତମାନ ସର୍ବମୋଟ ୩୨,୫୬,୪୬୫ ଜଣ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ହୋଇପାରି ନାହିଁ ବୋଲି ବୁଧବାର ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଏହି ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ସମୟରେ ବର୍ତ୍ତମାନ ସୁଦ୍ଧା ୩,୨୮,୯୩୨ ଜଣ ମୃତ ବ୍ୟକ୍ତିଙ୍କୁ ରାସନ କାର୍ଡ଼ ତଥ୍ୟାବଳୀରେ ଚିହ୍ନିତ କରାଯାଇ ବାଦ୍ ଦିଆଯାଇଛି। ରାଜ୍ୟ ବାହାରେ ଥିବା ୧୩୬୧୯୨ ଜଣ ହିତାଧିକାରୀ ନିଜ ଇ-କେୱାଇସି କରାଇ ନେଇଛନ୍ତି।

# କିଷାନ ସମ୍ମାନ ନିଧି ଯୋଜନାରେ ୩୧, ୫୧.୭୦୦ ଚାଷୀ ଉପକୃତ ହୋଇଛନ୍ତି : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୦୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଜଣ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ, ୮ ଲକ୍ଷ ୮୭ ହଜାର ୨୭୨ ଜଣ କ୍ଷୁଦ୍ର ଚାଷୀ ଓ ୩୬ ଲକ୍ଷ ୩୬ ହଜାର ୬୫୮ ଜଣ ନାମମାତ୍ର ଚାଷୀ ରହିଛନ୍ତି।

ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଅକ୍ଟୋବର ୨୦୨୪ ସୁଦ୍ଧା ୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହୋଇଛନ୍ତି। ଏନେଇ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କେଭି ସିଂ ଦେଓ ଲିଖିତ ଉତ୍ତର ରଖିଛନ୍ତି। ସେହିଭଳି ସିଏମ୍ କିଷାନ ମାଧ୍ୟମରେ ୪୫ ଲକ୍ଷ ୫୭ ହଜାର ୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯ ହଜାର ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୧୫ ଲକ୍ଷ ୧୭ ହଜାର ଚାଷୀ ଖରିଫ ଋତୁରେ ଓ ୧ ଲକ୍ଷ ୮୩ ହଜାର ଚାଷୀ ରବି ଋତୁରେ ପଞ୍ଜୀକରଣ କରିଥିବା ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ ସୂଚନା ଦେଇଛନ୍ତି।

